# ଓଡ଼ିଶା ପାଣି ପଞ୍ଚାୟତ ଅଧିନିୟମ, 2002
## ବିଷୟସୂଚୀ

ଉଦ୍ଦେଶିକା :

ଧାରା :

### ଅଧ୍ୟାୟ I

### ପ୍ରାରମ୍ଭିକ


1.ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ
2. ସଂଜ୍ଞା


### ଅଧ୍ୟାୟ II

### କୃଷକ ସଙ୍ଗଠନ


3. ପାଣି ପଞ୍ଚାୟତ ରୂପେ ଜଳ ବ୍ୟବହାରକାରୀଙ୍କ କ୍ଷେତ୍ରର ନକ୍ସାଙ୍କନ ଓ ପାଣି ପଞ୍ଚାୟତର ଗଠନ
4. ପାଣି ପଞ୍ଚାୟତର ଚକ କମିଟିର ସଦସ୍ୟମାନଙ୍କର ଏବଂ ନିର୍ବାହୀ କମିଟିର ସଭାପତି ଓ ସଦସ୍ୟମାନଙ୍କର ନିର୍ବାଚନ
5. କରନାଳ କ୍ଷେତ୍ରର ନକ୍ସାଙ୍କନ ଓ କରନାଳ କମିଟି ଗଠନ
6. କରନାଳ କମିଟିର ନିର୍ବାହୀ କମିଟିର ସଭାପତି, ସମ୍ପାଦକ, କୋଷାଧକ୍ଷଙ୍କ ନିର୍ବାଚନ ଏବଂ ତାହାର ଗଠନ
7. ପ୍ରକଳ୍ପ କ୍ଷେତ୍ରର ନକ୍ସାଙ୍କନ ଓ ପ୍ରକଳ୍ପ କମିଟିର ଗଠନ
8. ପ୍ରକଳ୍ପ କମିଟିର ସଭାପତିଙ୍କ ନିର୍ବାଚନ ଓ ତାହାର ଗଠନ
9. ରାଜ୍ୟସ୍ତରୀୟ କମିଟି
10. ପ୍ରତ୍ୟାହାର ପାଇଁ ପ୍ରକ୍ରିୟା
11. କୃଷକ ସଙ୍ଗଠନରେ ସବ୍‌କମିଟିମାନ ଗଠନ
12. କୃଷକ ସଙ୍ଗଠନ ଏକ ନିଗମ ନିକାୟ ହେବ
13. କୃଷକ ସଙ୍ଗଠନରେ ପରିବର୍ତ୍ତନ
14. ପ୍ରାର୍ଥୀ ବା ସଦସ୍ୟମାନଙ୍କର ଅଯୋଗ୍ୟତା
15. ଶୂନ୍ୟସ୍ଥାନଗୁଡ଼ିକର ପୂରଣ


### ଅଧ୍ୟାୟ III

### କୃଷକ ସଙ୍ଗଠନର ଉଦ୍ଦେଶ୍ୟ ଓ କୃତ୍ୟମାନ


16. ଉଦ୍ଦେଶ୍ୟ
17. ପାଣି ପଞ୍ଚାୟତର କୃତ୍ୟମାନ
18. କରନାଳ କମିଟିର କୃତ୍ୟମାନ
19. ପ୍ରକଳ୍ପ କମିଟିର କୃତ୍ୟମାନ
20. ଫିସ ଓ ଜଳକର ବସାଇବା, ଅସୁଲ କରିବା କ୍ଷମତା
21. କ୍ଷମତାପନ୍ନ ପ୍ରାଧିକାରୀଙ୍କ ନିଯୁକ୍ତି ଓ ତାହାଙ୍କ କୃତ୍ୟମାନ


### ଅଧ୍ୟାୟ IV

### ସମ୍ବଳ


22. କୃଷକ ସଙ୍ଗଠନର ସମ୍ବଳ



[ଟିପ୍ପଣୀ -ଓଡ଼ିଶା ଗେଜେଟ ଅସାଧାରଣରେ ପ୍ରକାଶିତ ସଂଖ୍ୟା 1053, କଟକ, ସୋମବାର, ଜୁଲାଇ 8,2002, ଆଷାଢ଼17,1924]

## ଅଧ୍ୟାୟ V

## ଅପରାଧ ଓ ଶାସ୍ତି

23. ଅପରାଧ ଓ ଶାସ୍ତି
24. ଅନ୍ୟ କୌଣସି ବିଧିଅନୁଯାୟୀ ଦଣ୍ଡରୁ ନିବାରଣ କରାଯାଇ ପାରିବ ନାହିଁ
25. ଅପରାଧଗୁଡ଼ିକର ରଫା

## ଅଧ୍ୟାୟ VI

## ବିବାଦଗୁଡ଼ିକର ମୀମାଂସା

26. ବିବାଦଗୁଡ଼ିକର ମୀମାଂସା
27. ଅପିଲ

## ଅଧ୍ୟାୟ VII

## ବିବିଧ

28. କୃଷକ ସଙ୍ଗଠନ ଦ୍ୱାରା ହିସାବ, ଅଭିଲେଖ ଓ ଦସ୍ତାବିଜଗୁଡ଼ିକ ରଖାଯିବ
29. ସମୀକ୍ଷା ଓ ନିରୀକ୍ଷଣ
30. ଦେୟର ଅସୁଲ
31. ସଭା
32. ଇସ୍ତଫା
33. କମିଶନରଙ୍କ ନିଯୁକ୍ତି
34. ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା
35. କୃଷକ ସଙ୍ଗଠନର ଆଦେଶନାମା ଓ ଦସ୍ତାବିଜଗୁଡ଼ିକର ଅଧିପ୍ରମାଣନ
36. କାର୍ଯ୍ୟାନୁଷ୍ଠାନ ଅବିଧିମାନ୍ୟ ହେବ ନାହିଁ
37. ଜମା ଏବଂ ପାଣ୍ଠିର ପ୍ରଶାସନ
38. ଋଣଶୋଧନ ପାଣ୍ଠି
39. ବଜେଟ
40. ସଦ୍‌ବିଶ୍ୱାସରେ କରାଯାଇଥିବା କାର୍ଯ୍ୟର ସୁରକ୍ଷା
41. ଅସୁବିଧା ଦୂର କରିବା କ୍ଷମତା
42. ବ୍ୟାବୃତ୍ତି
43. ନିୟମାବଳୀ ପ୍ରଣୟନ କରିବା ନିମନ୍ତେ କ୍ଷମତା

## ବିଧି ବିଭାଗ

## 2002ର ଓଡ଼ିଶା ଅଧିନିୟମ 10

## ଓଡ଼ିଶା ପାଣି ପଞ୍ଚାୟତ ଅଧିନିୟମ, 2002
**(ସଂଶୋଧନ ଅଧିନିୟମ 2008, 2014 ଓ 2023 ସହିତ ସମ୍ମିଶ୍ରିତ)**

ଜଳସେଚନ ବ୍ୟବସ୍ଥାର ପରିଚାଳନାରେ କୃଷକମାନଙ୍କର ଅଂଶଗ୍ରହଣ ନିମନ୍ତେ ଏବଂ ତତ୍ସମ୍ପର୍କିତ
ବା
ତତ୍ଆନୁଷଙ୍ଗିକ ବିଷୟଗୁଡ଼ିକ ନିମନ୍ତେ ବ୍ୟବସ୍ଥାକରିବା ସକାଶେ ଏକ ଅଧିନିୟମ

ଯେହେତୁ ଓଡ଼ିଶା ହେଉଛି ମୁଖ୍ୟତଃ ଏକ କୃଷିପ୍ରଧାନ ରାଜ୍ୟ ଓ ଜଳ ହେଉଛି ରାଷ୍ଟ୍ରୀୟ ସମ୍ପଦ, ଜଳର ସୁଚାରୁ ଓ ସୁଷମ ଯୋଗାଣ ଓବଣ୍ଟନ ଉପରେ ନିର୍ଭରଶୀଳ ହୋଇଥିବା ଏହି କୃଷିପ୍ରଧାନ ରାଜ୍ୟରେ କୃଷି ଉତ୍ପାଦନର ଉନ୍ନତିସାଧନକଳ୍ପେ କୃଷକମାନଙ୍କଦ୍ଵାରା ଜଳର ସର୍ବାଧିକ ସଦୁପଯୋଗ କରାଯିବାକୁ ସୁନିଶ୍ଚିନ୍ତକରିବା ହେଉଛି ଅନ୍ତିମ ଆବଶ୍ୟକତା;

ଏବଂ ଯେହେତୁ କୃଷକମାନଙ୍କର ଅଂଶଗ୍ରହଣ ମାଧମରେ ଜଳସେଚନ ଭିତ୍ତିଭୂମିର ବୈଜ୍ଞାନିକ ଓ ପଦ୍ଧତିଗତ ଉନ୍ନୟନ ଓ ରକ୍ଷଣାବେକ୍ଷଣକୁସର୍ବୋକୃଷ୍ଟ ସମ୍ଭାବ୍ୟ ପନ୍ଥାରୂପେ ବିବେଚନା କରାଯାଉଛି;

ଏବଂ ଯେହେତୁ ଜଳର ସୁଷମ ଓ ନିର୍ଭରଯୋଗ୍ୟ ଯୋଗାଣ ଓ ବଣ୍ଟନ ନିମନ୍ତେ ଜଳସେଚନ ବ୍ୟବସ୍ଥାର ପରିଚାଳନା ଓ ରକ୍ଷଣାବେକ୍ଷଣରେଏପରି କୃଷକମାନଙ୍କର ସଙ୍ଗଠନକୁ ଏକ ସକ୍ରିୟ ଭୂମିକା ଦେବାକୁ ପଡୁଛି;

ଏବଂ ଯେହେତୁ ପାଣିପଞ୍ଚାୟତମାନ ଗଠନ ମାଧମରେ ଜଳସେଚନ ବ୍ୟବସ୍ଥାଗୁଡିକର ପରିଚାଳନାଭାରରେ କୃଷକମାନଙ୍କର ଅଂଶଗ୍ରହଣନିମନ୍ତେ ଓଡ଼ିଶା ରାଜ୍ୟରେ ଏକ ବିଧି ପ୍ରଣୟନ କରିବାର ଆବଶ୍ୟକତା ରହିଛି;

ସୁତରାଂ, ଭାରତ ଗଣରାଜ୍ୟର ତେପନତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନ ମଣ୍ଡଳଦ୍ଵାରା ନିମ୍ନମତେ ଅଧିନିୟମିତ ହେଉ : -

## ଅଧ୍ୟାୟ I
## ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

1. (1 ) ଏହି ଅଧିନିୟମ ଓଡ଼ିଶା ପାଣିପଞ୍ଚାୟତ ଅଧିନିୟମ, 2002 ନାମରେ ଅଭିହିତ ହେବ ।

(2) ଏହା ସମଗ୍ର ଓଡ଼ିଶା ରାଜ୍ୟ ପ୍ରତି ବିସ୍ତୃତ ।

(3) ସରକାର ଓଡ଼ିଶା ଗେଜେଟରେ ଅଧିସୂଚନା ଦାରା ଯେଉଁ ତାରିଖ ଧାର୍ଯ୍ୟ କରିପାରନ୍ତି, ଏହସେହି ତାରିଖରେବଳବତ୍ତର ହେବ ଏବଂ ଭିନ୍ନ ଭିନ୍ନ କ୍ଷେତ୍ର ଓ ଭିନ୍ନ ଭିନ୍ନ ବ୍ୟବସ୍ଥାଗୁଡିକ ପାଇଁ ଭିନ୍ନ ଭିନ୍ନ ତାରିଖମାନ ଧାର୍ଯ୍ୟ ହୋଇପାରିବ ।

ସଂଜ୍ଞା

2. (1) ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଅଧିନିୟମରେ ---

(କ) କୃଷକ ସଙ୍ଗଠନ ସଂକ୍ରାନ୍ତରେ "କାର୍ଯ୍ୟକ୍ଷେତ୍ର"ଅର୍ଥ ଏହି ଅଧିନିୟମ ଉଦ୍ଦେଶ୍ୟରେ ଅଧିସୂଚିତ ହୋଇଥିବାମତେ କୌଣସି ଜଳସେଚନ ବ୍ୟବସ୍ଥାର ସେଚିତ କ୍ଷେତ୍ରସ୍ଥ ସଂଲଗ୍ନ କିଆରି;

(ଖ) "ଆୟାକଟ ସଡ଼କ" ଅର୍ଥ ଜଳସେଚନ ଓ କୃଷି ଉଦ୍ଦେଶ୍ୟରେ କୌଣସି କୃଷକ ସଙ୍ଗଠନରକାର୍ଯ୍ୟକ୍ଷେତ୍ର ମଧ୍ୟସ୍ଥ କୌଣସି ସଡ଼କ, କିନ୍ତୁ କୌଣସି ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ, ପୌରପାଳିକା, ପୌର ନିଗମ ବା ସରକାରଙ୍କର ସଡ଼କ ଓ କୋଠାବାଡ଼ି ବିଭାଗଙ୍କଠାରେ ନ୍ୟସ୍ତ ହୋଇଥବା କୌଣସି ସଡ଼କକୁ ଏହା ଅର୍ଥାନ୍ତର୍ଗତ କରେ ନାହିଁ;

[ଟିପ୍ପଣୀ -ବିଧି ବିଭାଗ ଅଧିସୂଚନା ସଂଖ୍ୟା 9371 ତା 6 ଜୁଲାଇ, 2002ର ଓଡ଼ିଶା ଅଧିନିୟମ 10ରେପ୍ରକାଶିତ]

(ଗ) "ଚକ" ଅର୍ଥ **ଏକ ବା ଏକାଧିକ** ନିର୍ଗମ ପଥଦ୍ୱାରା ଜଳସେଚିତ ହେଉଥିବା କ୍ଷେତ୍ର;

(ଘ) "ମୁଖ୍ୟଯନ୍ତ୍ରୀ/ ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ" ' ଅର୍ଥ ଯେଉଁ ମୁଖ୍ୟଯନ୍ତ୍ରୀଙ୍କ ଇଲାକାରେ ଜଳସେଚନ ବ୍ୟବସ୍ଥା ଅବସ୍ଥିତ ସେହି ମୁଖ୍ୟଯନ୍ତ୍ରୀ ଏବଂ ଏହି ଅଧିନିୟମ ଅନୁଯାୟୀ ମୁଖ୍ୟଯନ୍ତ୍ରୀଙ୍କର ସମସ୍ତ କୃତ୍ୟ ବା ତନ୍ମଧ୍ୟରୁ ଯେକୌଣସି କୃତ୍ୟ ସମ୍ପାଦନ କରିବାପାଇଁ ସରକାରଙ୍କଦ୍ୱାରା ସ୍ୱତନ୍ତ୍ରଭାବେ ଅଧିସୂଚିତ ହୋଇଥିବା ଯେକୌଣସି ଅଧିକାରୀଙ୍କୁ ଏହା ଅନ୍ତର୍ଗତ କରେ;

(ଙ) "ସେଚିତ କ୍ଷେତ୍ର"ଅର୍ଥ ଏକେତ ମାଧ୍ୟାକର୍ଷଣୀୟ ପ୍ରବାହ ଅଥବା ଉଠାଜଳସେଚନ ଦ୍ୱାରା ବା ସରକାରଙ୍କ ଦ୍ୱାରା ବା ସମବାୟ ସମିତିଦ୍ୱାରା ପାଣି ଯୋଗା ଯାଉଥିବାଉତ୍ସରୁ ଅନ୍ୟ ଯେକୌଣସି ପଦ୍ଧତିଦ୍ୱାରା ଜଳସେଚିତ ହେଉଥିବା ବା ଜଳସେଚନ ହେବା ପାଇଁ ଯୋଗ୍ୟ କ୍ଷେତ୍ର ଏବଂ "ଆୟାକଟ" ନାମରେ ଅଭିହିତ ହୋଇଥିବା ବା ତତ୍ସମୟେ ବଳବତ୍ତର ରହିଥିବା ଅନ୍ୟ ଯେକୌଣସି ବିଧି ଅନୁଯାୟୀ ଅନ୍ୟ ଯେକୌଣସି ନାମରେ ନାମିତ ହୋଇଥିବା ଏପରି କ୍ଷେତ୍ରକୁ ଏହାର ଅନ୍ତର୍ଗତ କରେ;

(ଚ) "କ୍ଷମତାପନ୍ନ ପ୍ରାଧିକାରୀ" ଅର୍ଥ ଧାରା 21 ଅନୁଯାୟୀ ନିଯୁକ୍ତ ପ୍ରାଧିକାରୀ;

(ଛ) "କରନାଳ ବ୍ୟବସ୍ଥା"ଅର୍ଥ ଓ ତାହାର ଅର୍ଥାନ୍ତର୍ଗତ ଅଟେ;

(i) ଜଳସେଚନ ନିମନ୍ତେ ଜଳର ଯୋଗାଣ ଓ ବଣ୍ଟନ ପାଇଁ ନିର୍ମିତ ହୋଇଥିବା ସମସ୍ତ ମୁଖ୍ୟ କେନାଲ, ଶାଖା କେନାଲ, କରନାଳ, **କ୍ଷୁଦ୍ର କେନାଲ ଓ ସବ୍-ମାଇନର କେନାଲମାନ ;**

(ii) ଜଳସେଚନ ନିମନ୍ତେ ଜଳବଣ୍ଟନସହ ସମ୍ପୃକ୍ତଥିବା ସମସ୍ତ ନିର୍ମାଣ କାର୍ଯ୍ୟ, ସଂରଚନା ଓ ସାଧିତ୍ରମାନ, କିନ୍ତୁ ଶୀର୍ଷସ୍ଥଳୀୟ ନିର୍ମାଣ କାର୍ଯ୍ୟକୁ ଏହା ଅର୍ଥାନ୍ତର୍ଗତ କରେ ନାହିଁ; ଓ

(iii) କୌଣସି ନିର୍ଗମପଥ ବା ପାଇପ ମାଧ୍ୟମ ନିର୍ଗମ ପଥ ଅଧୀନରେଥିବା ସମସ୍ତ କ୍ଷେତ୍ର ପ୍ରଣାଳୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ପ୍ରଣାଳୀ ଏବଂ ସଂରଚନାମାନ;

(ଜ) "କୃଷକ ସଂଗଠନ" ' ଅର୍ଥ ଓ ତାହାର ଅର୍ଥାନ୍ତର୍ଗତ ଅଟେ --

(i) ପ୍ରାଥମିକ ସ୍ତରରେ, ଧାରା ୩ ଅନୁଯାୟୀ ଗଠିତ ହୋଇଥିବାମତେ ସରକାରଙ୍କଦ୍ୱାରା ଅର୍ଥ ସହାୟତାପ୍ରାପ୍ତ ବୃହତ୍, ମଧ୍ୟମ, କ୍ଷୁଦ୍ର (ଜଳପ୍ରବାହ ଓ ଉଠା ଉଭୟ ଭୂପୃଷ୍ଠ ଓ ଭୂତଳ ଜଳ),**ବୃହତ ଉଠା ଜଳସେଚନ ଏବଂ ଯୋଉଜଳସେଚନ ପ୍ରକଳ୍ପଗୁଡ଼ିକର** ଧାର୍ଯ୍ୟ ଜଳପ୍ରବାହୀ ସୀମା ମଧ୍ୟସ୍ଥ ସମସ୍ତ ଜଳ ବ୍ୟବହାରକାରୀଙ୍କୁ ନେଇ ଗଠିତ ହୋଇଥିବା "ପାଣିପଞ୍ଚାୟତ" ;

(ii) ମାଧ୍ୟମିକ ସ୍ତରରେ, ଧାରା ୫ ଅନୁଯାୟୀ ଗଠିତ ହୋଇଥିବା କରନାଳ କମିଟି ; ଓ

(iii) ପ୍ରକଳ୍ପ ସ୍ତରରେ, ଧାରା ୭ ଅନୁଯାୟୀ ଗଠିତ ହୋଇଥବା ପ୍ରକଳ୍ପ କମିଟି;

(ଝ) "କ୍ଷେତ୍ର ପ୍ରଣାଳୀ"ର ଅର୍ଥାନ୍ତର୍ଗତ ଅଟେ ପାଇପ ମାଧ୍ୟମ ନିର୍ଗମ ପଥରୁ ଜଳ ଗ୍ରହଣକରିବା ଓ ବଣ୍ଟନ କରିବା ସକାଶେ ପୂର୍ବରୁ ବିଦ୍ୟମାନ ଥିବା କୌଣସି ପ୍ରଣାଳୀ ବା ସରକରଙ୍କ ଦ୍ୱାରା ବା ଭୂ–ଧାରକମାନଙ୍କ ଦ୍ୱାରା ବା କୌଣସି ଏଜେନ୍ସିଦ୍ୱାରା ନିର୍ମିତହେବା ପ୍ରଣାଳୀ;

(ଞ) "କ୍ଷେତ୍ର ଡ୍ରେନ୍"ର ଅର୍ଥାନ୍ତର୍ଗତ ଅଟେ କୌଣସି ପାଇପ ମାଧ୍ୟମ ନିର୍ଗମ ପଥ ଦେଇ ଭୂମି ଜୋତରୁ ମଇଳା ବା ଉଦ୍‌ବୃତ୍ତ ଜଳ ବାହାରକରିବା ସକାଶେ ଭୂ-ଧାରକ ବା ଅନ୍ୟ ଯେକୌଣସି ଏଜେନ୍ସିଙ୍କ ଦ୍ୱାରା ଖୋଳାଯାଇଥିବା ଓ ରକ୍ଷଣାବେକ୍ଷଣ ହେଉଥିବା କୌଣସି ପ୍ରଣାଳୀ; ଏବଂ ଡ୍ରେନ୍, ନିର୍ଗମ ପ୍ରଣାଳୀ ଓ ପୂର୍ବରୁ ବିଦ୍ୟମାନ ଥିବା ବା ନିର୍ମିତହେବାକୁ ଥିବା ଏହିଭଳି ଅନ୍ୟାନ୍ୟ ନିର୍ମାଣକାର୍ଯ୍ୟ ଏହାର ଅନ୍ତର୍ଗତ ଅଟେ;

(ଟ) "ଆର୍ଥିକ ବର୍ଷ"ର ଅର୍ଥ ସଂପୃକ୍ତ ବର୍ଷର ଅପ୍ରେଲ ପହିଲାରୁ ଆରମ୍ଭହୋଇ ଆଗାମୀ ବର୍ଷର ମାର୍ଚ୍ଚ ୩୧ରେ ସରୁଥିବା ବର୍ଷ;

(ଠ ) "ଅର୍ଥ ଯୋଗାଣ ଏଜେନ୍ସି"ଅର୍ଥ ଭାରତରେ ଅର୍ଥ ଉଧାର ଦେଉଥିବା ଯେକୌଣସି ସଂଗଠନ ବା ବ୍ୟାଙ୍କ୍ ଏବଂ ତତ୍ସମୟେ ବଳବତ୍ତର ରହିଥିବା ଯେକୌଣସି ବିଧି ଅନୁଯାୟୀ ସ୍ଥାପିତ ବା ନିଗମିତ ହୋଇଥିବା ଅର୍ଥ ଉଧାରଦାୟୀ ଯେକୌଣସି ବାଣିଜ୍ୟିକ ବ୍ୟାଙ୍କ ବା ଯେ କୌଣସି ସମବାୟ ସମିତି ବା ଅନ୍ୟ ଯେକୌଣସି ବ୍ୟାଙ୍କ ବା ସଂଗଠନ ବା କୃଷକ ସଂଗଠନର କାର୍ଯ୍ୟକ୍ଷେତ୍ରର ଉନ୍ନୟନ ନିମନ୍ତେ ୟୁରୋପିଆନ୍ କମ୍ୟୁନିଟି, ବିଶ୍ୱବ୍ୟାଙ୍କ, ଜର୍ମାନୀର କ୍ରେଡିଟ ଆସେଟାଲ୍ଟ ଫାର ୱାଇଡ଼ର ଆଉଫ ବାଉ (କେ. ଏଫ୍, ଡବଲୁ ) , ମିଳିତ ଯୁକ୍ତରାଜ୍ୟର ଆନ୍ତର୍ଜାତିକ ଉନ୍ନୟନ ବିଭାଗ ( ଡି ଫ୍ ଆଇ ଡି ), ଇତ୍ୟାଦି ଭଳି ଯେକୌଣସି ବାହ୍ୟ ସଂଗଠନ ଏହାର ଅର୍ଥାନ୍ତର୍ଗତ ଅଟେ;

(ଡ ) "ସରକାର" ଅର୍ଥ ଓଡ଼ିଶା ରାଜ୍ୟ ସରକାର ;

(ଢ) "ଜଳ ପ୍ରବାହୀ ଆଧାର" ଅର୍ଥ ଏକ ବା ଏକାଧିକ ଜଳପ୍ରବାହୀ ସଂରଚନାମାନ ଯଥା ---- ଶୀର୍ଷସ୍ଥଳୀୟ ନିର୍ମାଣ କାର୍ଯ୍ୟ, କେନାଲ, ଶାଖାନାଳ, ପାଇପ ମାଧ୍ୟମ ନିର୍ଗମ ପଥ ଓ ଅନୁରୂପ ସଂରଚନାଗୁଡ଼ିକ ଦ୍ୱାରା ଜଳଯୋଗାଇ ଦିଆଯିବା ଏକ ଚଳନକ୍ଷମ ଜଳସେଚିତ କ୍ଷେତ୍ରର ଚିହ୍ନଟକରଣ ପାଇଁ ଆଧାର ;

(ଣ) "ଜଳସେଚନ ବ୍ୟବସ୍ଥା" ଅର୍ଥ ବିଭିନ୍ନ ପ୍ରକାରର ଜଳସେଚନ ଯଥା _ - ବୃହତ୍, ମଧ୍ୟମ, **କ୍ଷୁଦ୍ର, ବୃହତ ଉଠା ଓ** ଯୋର ଜଳ ସେଚନ ବ୍ୟବସ୍ଥା ଏବଂ ସରକାରୀ ବା ସମବାୟ ଉତ୍ସରୁ ଅନ୍ୟାନ୍ୟ ମିଳିତ ସୁବିଧାଯୁକ୍ତ ବିଭିନ୍ନ ପଦ୍ଧତିରେ ଜଳଯୋଗାଣପାଇଁ ଜଳସେଚନ ବ୍ୟବସ୍ଥା ଏବଂଜଳଭଣ୍ଡାର, ଶିର୍ଷମୁକ୍ତ ପ୍ରଣାଳୀ, ଶାଖାନାଳ ବ୍ୟବସ୍ଥା, ଆନିକଟ, ଉଠାଜଳସେଚନ ପରିକଳ୍ପନା, ପୋଖରୀ, କୂଅ ଓ ଅନୁରୂପ ବ୍ୟବସ୍ଥା ଏହାର ଅର୍ଥାନ୍ତର୍ଗତ;

ସ୍ପଷ୍ଟୀକରଣ ---

(i) "ବୃହତ୍ ଜଳସେଚନ ବ୍ୟବସ୍ଥା" ଅର୍ଥ 10,000 ହେକ୍ଟରରୁ ଉର୍ଦ୍ଧ୍ୱ ଜଳସେଚନଯୋଗ୍ୟ ସେଚିତ କ୍ଷେତ୍ର ବିଶିଷ୍ଟ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଜଳସେଚନ ବ୍ୟବସ୍ଥା ;

(ii) "ମଧ୍ୟମ ଜଳସେଚନ ବ୍ୟବସ୍ଥା" ଅର୍ଥ 2,000 ହେକ୍ଟରରୁ ଉର୍ଦ୍ଧ୍ୱ ଓ 10,000 ହେକ୍ଟର ପର୍ଯ୍ୟନ୍ତ ଜଳସେଚନଯୋଗ୍ୟ ସେଚିତ କ୍ଷେତ୍ର ବିଶିଷ୍ଟ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଜଳସେଚନ ବ୍ୟବସ୍ଥା ;

(iii) "କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା" ଅର୍ଥ 2,000 ହେକ୍ଟର ପର୍ଯ୍ୟନ୍ତ ଜଳସେଚନଯୋଗ୍ୟ ସେଚିତ କ୍ଷେତ୍ର ବିଶିଷ୍ଟ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଜଳସେଚନ ବ୍ୟବସ୍ଥା ଏବଂ ଉଠା ଜଳସେଚନ ପଏଣ୍ଟ ଓ ଯୋର ଜଳଯୋଗାଣ ପ୍ରକଳ୍ପମାନ ଏହାର ଅର୍ଥାନ୍ତର୍ଗତ ହେବ;

(iv) **"ବୃହତ ଉଠା ଜଳସେଚନ ବ୍ୟବସ୍ଥା" ଅର୍ଥ ନଦୀ ବା ଜଳ ଭଣ୍ଡାର ବା ବିଦ୍ୟମାନ ଥିବା ଜଳସେଚନ ବ୍ୟବସ୍ଥା ବା ଜଳାଶୟରୁ 500 ହେକ୍ଟରରୁ ଉର୍ଦ୍ଧ୍ୱ ଓ 2000 ହେକ୍ଟର ପର୍ଯ୍ୟନ୍ତ ସିଧା ସଳଖ ଭାବେ ପମ୍ପ ମାଧ୍ୟମରେ ଜଳସେଚନ ଯୋଗ୍ୟ ସେଚିତ କ୍ଷେତ୍ର ବିଶିଷ୍ଟ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଜଳସେଚନ ବ୍ୟବସ୍ଥା" ; ଏବଂ**

**(ତ) "ଭୂ-ଧାରକ"ଅର୍ଥ ଓଡିଶା ସର୍ବେକ୍ଷଣ ଓ ବନ୍ଦୋବସ୍ତ ଅଧିନିୟମ, 1958 ବା ତତ୍ ସମୟେ ବଳବତ୍ତର ଥିବା ଅନ୍ୟ କୌଣସି ବିଧି ଅନୁଯାୟୀ ଅଧିକାର ଅଭିଲେଖରେ ସେପରି ଭାବେ ଅଭିଲିଖିତ ହୋଇଥିବା ଜମିର ମାଲିକ ବା ଜଣେ ପ୍ରଜା ବା ଉଭୟ** ;

ସ୍ପଷ୍ଟୀକରଣ ---

(i) ଅଭିଲିଖିତ ଭୂ-ଧାରକଙ୍କର ମୃତ୍ୟୁ ଘଟିଥିଲେ, ଏହି ଅଧିନିୟମ ଉଦ୍ଦେଶ୍ୟରେ ତାହାଙ୍କ ବିଧିକ ଦାୟାଦମାନେ ଭୂ-ଧାରକଗଣ ରୂପେ ବିବେଚିତ ହେବେ;

(ii) ଭୂ-ଧାରକ ରେଜିଷ୍ଟ୍ରି କବଲା କରି ଭୂମି ବିକ୍ରି କରିଦେଇଥିଲେ, ଏହି ଅଧିନିୟମ ଉଦ୍ଦେଶ୍ୟରେ ବିକ୍ରେତା ଭୂ-ଧାରକ ହୋଇ ଆଉ ରହିବେ ନାହିଁ ଏବଂ ଖରିଦଦାର ଭୂ -ଧାରକରୂପେ ବିବେଚିତ ହେବେ;

(ଥ) "ରକ୍ଷଣାବେକ୍ଷଣ"ଅର୍ଥ କାର୍ଯ୍ୟ କ୍ଷେତ୍ରାନ୍ତର୍ଗତ ଭୂ-ଧାରକମାନଙ୍କୁ ଉଚିତ୍ ଜଳବଣ୍ଟନ ନିମନ୍ତେ ମାନକସ୍ତରର ଡିଜାଇନକୃତ ନିର୍ମାଣ ବ୍ୟବସ୍ଥା ଠିକରୂପେ କାର୍ଯ୍ୟ କରୁଥିବାର ସୁନିଶ୍ଚିତ କରିବା ସକାଶେ ଜଳସେଚନ ବ୍ୟବସ୍ଥା ଉପରେ ଆବଶ୍ୟକ ହେଉଥିବା ନିର୍ମାଣକାର୍ଯ୍ୟର ସମ୍ପାଦନ;

(ଦ) "ଅଧିସୂଚନା" ଅର୍ଥ ଓଡ଼ିଶା ଗେଜେଟରେ ପ୍ରକାଶିତ "ଅଧିସୂଚନା" ଏବଂ ସେହିଅନୁସାରେ "ଅଧିସୂଚିତ" ଅଭିବ୍ୟକ୍ତିର ଅର୍ଥାନ୍ୱୟ କରାଯିବ;

(ଧ) "କାର୍ଯ୍ୟ ଯୋଜନା" ଅର୍ଥ କୌଣସି ଜଳସେଚନ ବ୍ୟବସ୍ଥାର ସେଚିତ କ୍ଷେତ୍ରରେ ଜଳସେଚନର ବିନିୟମନ ନିମନ୍ତେ ଲିପିବଦ୍ଧ ହୋଇଥିବା ଜଳଯୋଗାଣର ଢାଞ୍ଚା ଓ କାଳାବଧିର ବିଶଦ ବିବରଣୀ ସହିତ ଜଳସେଚନାର୍ଥ ଜଳଖଲାସ ଅନୁସୂଚୀ;

(ନ) "ପାଣିପଞ୍ଚାୟତ" ଅର୍ଥ ଧାରା 3ର ଉପଧାରା (4) ରେ ଉଲ୍ଲିଖିତ ହୋଇଥିବା ମତେ ସେପରି ସଦସ୍ୟମାନଙ୍କୁ ନେଇ ଗଠିତ କୌଣସି ସଂଗଠନ ଯାହାକି ଏହି ଅଧିନିୟମ ଅନୁଯାୟୀ ପାଣିପଞ୍ଚାୟତ- ରୂପେ ଘୋଷିତ;

(ପ) "ବିହିତ" ଅର୍ଥ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଅନୁଯାୟୀ ବିହିତ;

(ଫ) "ବାରବନ୍ଦି" ଅର୍ଥ ଜଳଯୋଗାଣର ଦିବସ, କାଳାବଧି ଓ ଯୋଗାଣ ସମୟ ସୂଚିତ କରି ଅନୁମୋଦିତ ଅନୁସୂଚୀ ଅନୁଯାୟୀ ପାଳି ଅନୁସାରେ ଜଳ ବ୍ୟବହାରକାରୀମାନଙ୍କୁ ଜଳ ଆବଣ୍ଟନର ବଣ୍ଟନ ବ୍ୟବସ୍ଥା;

(ବ) କୌଣସି ଜଳସେଚନ ବ୍ୟବସ୍ଥା ସଂକ୍ରାନ୍ତରେ "ଜଳ ଆବଣ୍ଟନ"ଅର୍ଥ କୃଷକ ସଂଗଠନର କାର୍ଯ୍ୟ କ୍ଷେତ୍ରରେ ଏହାଙ୍କ ଦ୍ୱାରା ସମୟକୁ ସମୟ ଅବଧାରିତ ହେଉଥିବା ଜଳରାଶିର ବଣ୍ଟନ; ଏବଂ ।

(ଭ) "ଜଳ ବ୍ୟବହାରକାରୀ" ଅର୍ଥ କୌଣସି ଜଳସେଚନ କାର୍ଯ୍ୟରୁ କୃଷି,**ମତ୍ସ୍ୟଚାଷ ବାଘରୋଇ ଉଦ୍ଦେଶ୍ୟ ନିମିତ୍ତ** ଜଳ ବ୍ୟବହାର କରୁଥିବା ଯେକୌଣସି ବ୍ୟକ୍ତି ବିଶେଷ ବା ନିଗମ ନିକାୟ ବା କୌଣସି ସମିତି ।

(2) ଏହି ଅଧିନିୟମରେ ବ୍ୟବହୃତ ହୋଇଥବା କିନ୍ତୁ ସଂଜ୍ଞାକୃତ ହୋଇନଥବା ଶବ୍ଦ ଓ ଅଭିବ୍ୟକ୍ତିଗୁଡିକର ଯଥାକ୍ରମେ ଯେଉଁ ଯେଉଁ ଅର୍ଥ ଓଡ଼ିଶା ଜଳସେଚନ ଅଧିନିୟମ, 1959 ଓ ଓଡ଼ିଶା ସାଧାରଣ ଖଣ୍ଡ ଅଧିନିୟମ, 1937ରେ ଦିଆଯାଇଛି, ଏଠାରେ ସେହି ସେହି ଅର୍ଥ ହେବ । ୧୯୫୯ର ଓଡ଼ିଶା ଅଧିନିୟମ୧୪ । ୧୯୩୭ର ଓଡ଼ିଶା ଅଧିନିୟମ ୧।

ଅଧ୍ୟାୟ II

କୃଷକ ସଂଗଠନ

ପାଣିପଞ୍ଚାୟତ ରୂପେ ଜଳ ବ୍ୟବହାରକାରୀଙ୍କ କ୍ଷେତ୍ରରନକ୍ସାଙ୍କନ ଓ ପାଣିପଞ୍ଚାୟତର ଗଠନ।

3. (1) କୌଣସି ଜଳସେଚନ ପ୍ରକଳ୍ପର **ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବା ମୁଖ୍ୟ ନିର୍ମାଣଯନ୍ତ୍ରୀ ଯଥାସ୍ଥିତି**, ଅଧିସୂଚନା ଦ୍ୱାରା ଓ ଏତଦୁପଲକ୍ଷେ ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଅନୁସାରେ, ଜଳ ପ୍ରବାହୀଆଧାର ଉପରେ ପ୍ରତ୍ୟେକଜଳସେଚନ ବ୍ୟବସ୍ଥା ଅଧୀନରେ ଥିବା ସାଧାରଣତଃ 300 ରୁ 600 ହେକ୍ଟର ବିଶିଷ୍ଟ ଯେଉଁପ୍ରତ୍ୟେକ ସେଚିତ କ୍ଷେତ୍ର ପ୍ରଶାସନିକ ଦୃଷ୍ଟିକୋଣରୁ ସମ୍ଭବପର ବିବେଚିତ ହୋଇପାରେ ତାହାର ନକ୍ସାଙ୍କନ କରିପାରିବେ ଏବଂ ଏହି ଅଧିନିୟମ ଉଦ୍ଦେଶ୍ୟରେ ତାହାକୁପାଣିପଞ୍ଚାୟତର କ୍ଷେତ୍ରରୂପେ ଘୋଷଣା କରିପାରିବେ :

ପରନ୍ତୁ ଉଠା ଜଳସେଚନ ବ୍ୟବସ୍ଥା ଅଧୀନରେ ଥିବା ସେଚିତ କ୍ଷେତ୍ର ସମ୍ବନ୍ଧରେ, ସମଗ୍ର ସେଚିତ କ୍ଷେତ୍ର ଯେତେଦୂର ସମ୍ଭବ ଏକକ ପାଣିପଞ୍ଚାୟତ କ୍ଷେତ୍ର ଗଠନ କରିପାରିବ ଏବଂ ଓଡ଼ିଶା ଉଠା ଜଳସେଚନ ନିଗମର ସମ୍ପୃକ୍ତ ନିର୍ବାହୀଯନ୍ତ୍ରୀଙ୍କ ଦ୍ୱାରା ତାହା ଏକକ ପାଣିପଞ୍ଚାୟତରୂପେ ଅଧିସୂଚିତ ହୋଇପାରିବ ।

**ଅଧିକନ୍ତୁ, ବୃହତ ଉଠା ଜଳସେଚନର ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଅଧିସୂଚନା ଦ୍ୱାରା ଜଳ ପ୍ରବାହୀ ଆଧାର ଉପରେ ବୃହତ ଉଠା ଜଳସେଚନ ବ୍ୟବସ୍ଥା ଅଧୀନରେ ଥିବା ସାଧାରଣତଃ 500 ହେକ୍ଟରରୁ କମ୍ ବିଶିଷ୍ଟ ଯେଉଁ ସେଚିତ କ୍ଷେତ୍ର ପ୍ରଶାସନିକ ଦୃଷ୍ଟିକୋଣରୁ ସମ୍ଭବପର ବିବେଚିତ ହୋଇପାରେ ତାହାର ସୀମା ନିର୍ଦ୍ଧାରଣ ପୂର୍ବକ ନକ୍ସାଙ୍କନ କରି ଏବଂ ଏହି ଅଧିନିୟମ ଉଦ୍ଦେଶ୍ୟରେ ତାହାକୁ ପାଣିପଞ୍ଚାୟତର କ୍ଷେତ୍ର ରୂପେ ଘୋଷଣା କରିପାରିବେ;**

(2) ପ୍ରତି ପାଣିପଞ୍ଚାୟତ କ୍ଷେତ୍ର ବିଭିନ୍ନ ଚ଼କଗୁଡିକୁ ନେଇ ଗଠିତ ହେବ। ତାହା ଯେତେଦୂର ସମ୍ଭବ **ଏକ ବା ଏକାଧିକ ନିର୍ଗମପଥଦ୍ୱାରା** ଜଳସେଚିତ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିବ । ଚ଼କଗୁଡିକର ସଂଖ୍ୟା ଚାରିଟିରୁ କମ୍ ହେବ ନାହିଁ ବାସଂପୃକ୍ତ **ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବା ମୁଖ୍ୟ ନିର୍ମାଣଯନ୍ତ୍ରୀ ଯଥାସ୍ଥିତି,** ଯେପରି ନିର୍ଦ୍ଦିଷ୍ଟ କରିପାରନ୍ତି ସେପରି ହେବ :

ପରନ୍ତୁ ଅନ୍ୟୂନ 40 ହେକ୍ଟର ବିଶିଷ୍ଟ ସେଚିତ କ୍ଷେତ୍ରଥିବା ଉଠା ଜଳସେଚ଼ନ ପଏଣ୍ଟଗୁଡିକ ସ୍ଥଳେ, କୌଣସି ପାଣିପଞ୍ଚାୟତ ଗଠନ କରିବାପାଇଁ କୌଣସି ଚ଼କ ଗଠନର ଆବଶ୍ୟକତା ନାହିଁ ।

(3) ଉପଧାରା (1) ଅନୁଯାୟୀ ନକ୍ସାଙ୍କନ ହୋଇଥିବା ପ୍ରକାରେ ପ୍ରତ୍ୟେକ କ୍ଷେତ୍ରପାଇଁ ସ୍ଥାନୀୟ ସ୍ୱଷ୍ଟ ନାମରେ ନାମିତ ପାଣିପଞ୍ଚାୟତ ରହିବ ଏବଂ ଉକ୍ତ ପାଣି ପଞ୍ଚାୟତର ସଦର ମହକୁମା ସେହି ଏକା ସ୍ଥାନରେ ରହିବ ।

(4) (i) ଯେଉଁ ସମସ୍ତ ଜଳ ବ୍ୟବହାରକାରୀମାନେ ପାଣିପଞ୍ଚାୟତ କ୍ଷେତ୍ରର ଭୂ-ଧାରକ ଅଟନ୍ତି, **ପତି ପତ୍ନୀଙ୍କ ସମେତ,** ସେମାନଙ୍କୁ ନେଇ ପ୍ରତି ପାଣିପଞ୍ଚାୟତ ଗଠିତ ହେବ :

**ପରନ୍ତୁ ଯେଉଁଠାରେ କୌଣସି ପାଣିପଞ୍ଚାୟତର କ୍ଷେତ୍ର କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା ମଧରେ ଆସେ, ସେହି କ୍ଷେତ୍ରର ଯେଉଁ ମସ୍ତ୍ୟଜୀବୀମାନଙ୍କର କୌଣସି ଭୂମି ନଥିବ କିନ୍ତୁ ସେମାନେ ମାଛ ଧରି ଜୀବିକା ନିର୍ବାହ କରୁଥିବେ ସାମାନେ, ଯେପରି ବିହିତ ହୋଇପାରେ ସେପରି ସର୍ତ୍ତରେ ପାଣି ପଞ୍ଚାୟତ ସଦସ୍ୟ ଭାବେ ଭର୍ତ୍ତି ହୋଇପାରିବେ ।**

ସ୍ପଷ୍ଟୀକରଣ I-- କୌଣସି ଭୂ-ଧାରକ **ବା ମସ୍ତ୍ୟଜୀବୀ** ତାହାଙ୍କ ପରିବାରର ଯେକୌଣସି ବୟସ୍କ ଲୋକଙ୍କୁ ପାଣିପଞ୍ଚାୟତର ସଦସ୍ୟ ହେବାପାଇଁ ମନୋନୀତ କରିପାରିବେ ।

ସ୍ପଷ୍ଟୀକରଣ-II - କୌଣସି ନାବାଳକ ଭୂ-ଧାରକ **ବା ମସ୍ତ୍ୟଜୀବୀ**ଙ୍କ ବିଧିକ ଅଭିଭାବକ ତାହାଙ୍କ ତରଫରୁ ପ୍ରତିନିଧିତ୍ୱ କରିବେ।

**ସ୍ପଷ୍ଟୀକରଣ III–ଯେଉଁଠାରେ ଜଣେ ମସ୍ତ୍ୟଜୀବୀ ପାଣିପଞ୍ଚାୟତ କ୍ଷେତ୍ର ମଧରେ କୌଣସି ଭୂମି ଧାରଣ କରିଥିବେ, ସେ ପାଣିପଞ୍ଚାୟତର ଜଣେ ସଦସ୍ୟ ହେବାକୁ ଅନୁମତି ପାଇପାରିବେ ।**

(ii) ସରକାର ଅଧିସୂଚ଼ନାଦ୍ୱାରା, ଜଳ ସମ୍ପଦ ବିଭାଗ, କୃଷି ବିଭାଗ, ରାଜସ୍ୱ ବିଭାଗରୁ ପ୍ରତ୍ୟେକକରି ଅନ୍ତତଃ-ପକ୍ଷେ ଜଣେ ଲେଖାଏଁ ଅଧିକାରୀଙ୍କୁ ଭୋଟଦେବା ଅଧିକାର ବିନା, ପାଣିପଞ୍ଚାୟତରେ ସଦସ୍ୟରୂପେ ମନୋନୀତ କରିପାରିବେ ।

(5) ଉପଧାରା (4) ର ଖଣ୍ଡ (i) ରେ ଉଲ୍ଲିଖିତ ସଦସ୍ୟମାନେ ପାଣିପଞ୍ଚାୟତର ସାଧାରଣ ନିକାୟ ଗଠନ କରିବେ ଏବଂ ସେମାନଙ୍କର ଭୋଟଦେବା ଅଧିକାର ରହିବ ।

ପାଣିପଞ୍ଚାୟତର ଚ଼କ କମିଟିର ସଦସ୍ୟମାନଙ୍କର ଏବଂ ନିର୍ବାହୀ କମିଟିର ସଭାପତି ଓ ସଦସ୍ୟମାନଙ୍କର ନିର୍ବାଚ଼ନ ।

4. (1) **"(1) ପାଣିପଞ୍ଚାୟତର ଗୋଟିଏ ଚକରେ ଥିବା ସମସ୍ତ ଭୂ-ଧାରକଗଣ ଏପରି ଭାବରେ ଏକ ଚକ କମିଟି ଗଠନକରିବା ପାଇଁ ବିହୀତ ହେବା ରୀତିରେ ତିନିଜଣ ସଦସ୍ୟଙ୍କୁ ନିର୍ବାଚିତ କରିବେ, ଯେପରିକି ଚକ ମଧ୍ୟସ୍ଥ ଉପର ସୀମାରୁ ଜଣେ, ମଝି ସୀମାରୁ ଜଣେ ଓ ଶେଷ ସୀମାରୁ ଜଣେ ସଦସ୍ୟ ରହିବେ ଏବଂ ଏକ ସମୟରେ ବିହୀତ ହେବା ରୀତିରେ ଉକ୍ତ ତିନି ଜଣ ସଦସ୍ୟଙ୍କ ମଧ୍ୟରୁ ଜଣକୁ ଚକ ତରଫରୁ ପାଣିପଞ୍ଚାୟତର ନିର୍ବାହୀ କମିଟିରେ ପ୍ରତିନିଧିତ୍ୱ କରିବା ପାଇଁ ନିର୍ବାଚିତ କରିବେ";**

**ପରନ୍ତୁ, ଉଠା ଜଳସେଚନ ପଏଣ୍ଟ ବ୍ୟତୀତ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା ଅନ୍ତର୍ଗତ ପାଣିପଞ୍ଚାୟତ ସ୍ଥଳେ ଯଦି କୌଣସି ପାଣିପଞ୍ଚାୟତର ଚକ ସଂଖ୍ୟା 4 ରୁ କମ୍ ଏବଂ ଫଳ ସ୍ୱରୂପ ନିର୍ବାହୀ କମିଟିକୁ ପ୍ରତିନିଧିତ୍ୱ କରୁଥିବା ନିର୍ବାଚିତ ସଭ୍ୟମାନଙ୍କ ସଂଖ୍ୟା 4 ରୁ କମ୍ ହେଲେ, ବିହୀତ ହେବା ରୀତିରେ 4 ରୁ ଯେତିକି ସଂଖ୍ୟକ ସଭ୍ୟ କମ୍ ଥିବେ, ପାଣିପଞ୍ଚାୟତ ସାଧାରଣ ନିକାୟ ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହେବେ ।**

**ଅଧିକନ୍ତୁ, ଉଠା ଜଳସେଚନ ପଏଣ୍ଟ ସ୍ଥଳେ ବିହୀତ ହେବା ରୀତିରେ ପାଣିପଞ୍ଚାୟତ ନିର୍ବାହୀ କମିଟି ସଭ୍ୟମାନେ ପାଣିପଞ୍ଚାୟତ ସାଧାରଣ ନିକାୟ ସଭ୍ୟ ମାନଙ୍କ ଦ୍ୱାରା ନିର୍ବାଚିତ ହେବେ ।**

**ପୁନଶ୍ଚ ବୃହତ ଉଠା ଜଳସେଚନ ପ୍ରକଳ୍ପ ସ୍ଥଳେ ବିହୀତ ହେବା ରୀତିରେ ପାଣିପଞ୍ଚାୟତର ଗୋଟିଏ ଚକର ସମସ୍ତ ଭୂ-ଧାରକ ମଧ ଜଣେ ସଭ୍ୟ ନିର୍ବାଚିତ କରିବେ ।**

**ସ୍ପଷ୍ଟୀକରଣ–I ଜଣେ ବ୍ୟକ୍ତି ଯେ କି ଗୋଟିଏ ପାଣିପଞ୍ଚାୟତର ଏକାଧିକ ଚକରେ ଜମି ଧାରଣ କରିଥାନ୍ତି, ସେହି ପାଣିପଞ୍ଚାୟତର ଯେକୌଣସି ଗୋଟିଏ ଚକ କମିଟିରେ ନିଜ ପସନ୍ଦରେ ନିର୍ବାଚନ ପ୍ରତିଦ୍ୱନ୍ଦିତା କରିବାକୁ ଯୋଗ୍ୟ ହେବେ ।**

**ସ୍ପଷ୍ଟୀକରଣ –II ଯଦି ଜଣେ ସଦସ୍ୟ ପ୍ରତିନିଧିତ୍ୱ କରୁଥିବା ଚକରେ ଥିବା ତାଙ୍କର ସମସ୍ତ ଜମିକୁ ରେଜିଷ୍ଟ୍ରି କବଲା କରି ହସ୍ତାନ୍ତର କରନ୍ତି, ସେ ଆଉ ଭୂ-ଧାରକ ସଦସ୍ୟ ହୋଇପାରିବେ ନାହିଁ ଏବଂ ଯଦି ସମ୍ପୃକ୍ତ ଚକ କିମ୍ବା ପାଣିପଞ୍ଚାୟତରେ କୌଣସି ପଦ ପଦବୀରେ ଥାନ୍ତି, ତେବେ ରେଜିଷ୍ଟ୍ରି କବଲା ସମ୍ପାଦନ ହେବା ତାରିଖ ଠାରୁ ସେହି ପଦବୀକୁ ଶୂନ୍ୟ କରିବେ";**

**(1-କ) ସାମୟିକ ଶୂନ୍ୟସ୍ଥାନ ପାଇଁ ନିର୍ବାଚିତ ସଦସ୍ୟଙ୍କ ବ୍ୟତୀତ, ଅନ୍ୟ ସମସ୍ତ ସଦସ୍ୟଙ୍କ କାର୍ଯ୍ୟକାଳ 5 ବର୍ଷ ହେବ" ।**

**ପରନ୍ତୁ, ଯେଉଁ ସଭ୍ୟଙ୍କର ନିର୍ବାହୀ କମିଟିରେ ପଦର କାର୍ଯ୍ୟକାଳ ଉପଧାରା (6) ଅନୁଯାୟୀ ଲଟେରୀ ଦ୍ୱାରା ତିନିବର୍ଷ ଘୋଷଣା କରାଯାଇଛି ଚକ କମିଟିରେ ଥିବା ଅନ୍ୟ ସଭ୍ୟମାନଙ୍କ ସହିତ ସେହି ସଭ୍ୟଙ୍କର ପଦର କାର୍ଯ୍ୟକାଳ ମଧ ତିନିବର୍ଷ ହେବ ।**

**(2-ଖ) ଉଠା ଜଳସେଚନ ପଏଣ୍ଟ ବ୍ୟତୀତ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା ଅଧୀନରେ ଆସୁଥିବା ପାଣିପଞ୍ଚାୟତ ସ୍ଥଳେ,ମତ୍ସ୍ୟଜୀବୀ ସମୁଦାୟର ସର୍ବାଧିକ ଦୁଇଜଣ ସଭ୍ୟ, ଯେଉଁମାନେ ସେଠାରେ ଜମି ଧାରଣ କରିନଥିବେ, ସେମାନେ ସେହି ପାଣିପଞ୍ଚାୟତର ସାଧାରଣ ନିକାୟର ସଭ୍ୟମାନଙ୍କ ଦ୍ୱାରା ନିର୍ବାହୀ କମିଟିକୁ ବିହିତ ହେବା ରୀତିରେ ନିର୍ବାଚିତ ହେବେ"।**

**(2) ଉପଧାରା (1) ଏବଂ ଉପଧାରା (1-ଖ) ରେ ଅନ୍ୟଥା ବ୍ୟବସ୍ଥା କରାଯାଇଥିବା ବ୍ୟତିରେକେ** ପ୍ରତି ପାଣିପଞ୍ଚାୟତ ପାଇଁ ଗୋଟିଏ ନିର୍ବାହୀ କମିଟି ରହିବ। ଉକ୍ତ ନିର୍ବାହୀ କମିଟି ପ୍ରତି ଚକର ଭୂ-ଧାରକଗଣଙ୍କଦ୍ୱାରା ନିର୍ବାଚ଼ିତ ଚ଼କ ପ୍ରତିନିଧିମାନଙ୍କୁ ନେଇ ଗଠିତ ହେବ । ଉଠା ଜଳସେଚ଼ନ ପଏଣ୍ଟଗୁଡିକ ସ୍ଥଳେ, ନିର୍ବାହୀକମିଟିର ସଦସ୍ୟମାନଙ୍କର ସଂଖ୍ୟା ଚାରିରୁ କମ୍ ଓ ଦଶରୁ ବେଶୀ ହେବ ନାହିଁ ।

**(2-କ)ପ୍ରତ୍ୟେକ ପାଣିପଞ୍ଚାୟତର ନିର୍ବାହୀ କମିଟିରେ ଥିବା ମୋଟ ଆସନ ଗୁଡିକର ପାଖାପାଖି କିନ୍ତୁ ଅନ୍ୟୂନ ଏକ-ତୃତୀୟାଂଶ ଆସନ, ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ ଏବଂ ଗୋଟିଏ ପାଣିପଞ୍ଚାୟତର ବିଭିନ୍ନ ଚକ ଗୁଡିକୁ ପର୍ଯ୍ୟାୟକ୍ରମେ ଏପରିଭାବେ ବିହିତ ହେବା ରୀତିରେ ଆବଣ୍ଟିତ ହେବ :**

**ପରନ୍ତୁ, କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା ଅଧୀନରେ ଆସୁଥିବା ଗୋଟିଏ ପାଣିପଞ୍ଚାୟତ ସ୍ଥଳେ, ଯଦି ଚକ ସଂଖ୍ୟା ଚାରି ରୁ କମ୍ ହୋଇଥାଏ ଏବଂ ଉଠା ଜଳସେଚନ ପଏଣ୍ଟ ଗୁଡିକ ସ୍ଥଳେ ଆସନ ବଣ୍ଟନ ସମ୍ବନ୍ଧୀୟ ପର୍ଯ୍ୟାୟଭିତ୍ତିକ ସଂରକ୍ଷଣ ପ୍ରକ୍ରିୟା ଯେପରି ବିହିତ ହୋଇପାରେ ସେପରି ହେବ ।**

(3) **ଉପଧାରା (୧)ର ବ୍ୟବସ୍ଥା ପ୍ରତି ସାପେକ୍ଷ ହୋଇ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀକିମ୍ବା ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଯଥାସ୍ଥିତି**, ବିହତରୀତିରେ ଗୁପ୍ତ ଭୋଟ ପଦ୍ଧତିରେ ଚ଼କର ସମସ୍ତ ଭୂ-ଧାରକଗଣଙ୍କ ଦ୍ୱାରା ପ୍ରତି ଚ଼କରୁନିର୍ବାହୀ କମିଟିର ଜଣେ ଲେଖାଁଏ ସଦସ୍ୟଙ୍କ ନିର୍ବାଚ଼ନ ପାଇଁ ବ୍ୟବସ୍ଥା କରାଇବେ । ଉଠା ଜଳସେଚ଼ନ ପଏଣ୍ଟଗୁଡିକ ସ୍ଥଳେ, ଓଡ଼ିଶା ଉଠା ଜଳସେଚ଼ନନିଗମର ନିର୍ବାହୀ ଯନ୍ତ୍ରୀ ବା ଏଥିପାଇଁ ସରକାରଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟଯେକୌଣସି ଅଧିକାରୀ ପାଣିପଞ୍ଚାୟତର ନିର୍ବାହୀ କମିଟିର ସଦସ୍ୟମାନଙ୍କର ନିର୍ବାଚନପାଇଁ ବ୍ୟବସ୍ଥା କରାଇବେ ।

(4) **ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ବା ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଯଥାସ୍ଥିତି**,ବିହିତରୀତିରେ ଗୁପ୍ତ ଭୋଟ ପଦ୍ଧତିରେ ନିର୍ବାହୀ କମିଟିର ସଦସ୍ୟମାନଙ୍କ ଦ୍ୱାରାପାଣି ପଞ୍ଚାୟତର ନିର୍ବାହୀ କମିଟିର ସଭାପତିଙ୍କ ନିର୍ବାଚନ ପାଇଁ ବ୍ୟବସ୍ଥା କରିବେ। ଉଠା ଜଳସେଚ଼ନ ପଏଣ୍ଟଗୁଡିକସ୍ଥଳେ, ଓଡ଼ିଶା ଉଠା ଜଳସେଚ଼ନ ନିଗମର ନିର୍ବାହୀ ଯନ୍ତ୍ରୀ ବା ଏଥିପାଇଁ ସରକାରଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟଯେକୌଣସି ଅଧିକାରୀ ବିହିତରୀତିରେ ଗୁପ୍ତଭୋଟ ପଦ୍ଧତିରେ ନିର୍ବାହୀ କମିଟିର **ସଭାପତି, ସମ୍ପାଦକ ଓ କୋଷାଧକ୍ଷଙ୍କ ନିର୍ବାଚନ** ପାଇଁବ୍ୟବସ୍ଥାକରାଇବେ ।

(5) ଯଦି ଉପଧାରା (3) ଓ ( 4 ) ଅନୁଯାୟୀ ଅନୁଷ୍ଠିତ ନିର୍ବାଚନରେ ପାଣି ପଞ୍ଚାୟତର ନିର୍ବାହୀ କମିଟିର, ଯଥାସ୍ଥିତି,ସଦସ୍ୟବୃନ୍ଦ ବା ସଭାପତି ନିର୍ବାଚ଼ିତ ନ ହୁଅନ୍ତି, ତାହାହେଲେ ଏପରି ଅସଫଳତା ତାରିଖଠାରୁ ୨୦ ଦିନକାଳାବଧି ମଧ୍ୟରେ ବିହିତରୀତିରେ ସାନି ନିର୍ବାଚ଼ନମାନ ଅନୁଷ୍ଠିତ ହେବ।

**(6) ସାମୟିକ ଶୂନ୍ୟସ୍ଥାନ ପୂରଣ ପାଇଁ ନିର୍ବାଚିତ ସଦସ୍ୟଙ୍କ ବ୍ୟତୀତ, ପାଣିପଞ୍ଚାୟତ ନିର୍ବାହୀ କମିଟିର ସଦସ୍ୟ ମାନଙ୍କର କାର୍ଯ୍ୟକାଳ ପାଞ୍ଚ ବର୍ଷ ହେବ ।**

**(6-କ) ନିର୍ବାହୀ କମିଟି ସଦସ୍ୟବୃନ୍ଦଙ୍କ ପଦ ପାଇଁ ନିର୍ବାଚନ ସମାପ୍ତି ପରେ ପରେ, ଯଥାଶୀଘ୍ର ନିର୍ବାଚିତ ସଦସ୍ୟବୃନ୍ଦଙ୍କ ନାମ ବିହିତ ହେବା ରୀତିରେ ପ୍ରକାଶ କରାଯିବ ଏବଂ ତଦ୍‌ନୁଯାୟୀ, ନିର୍ବାହୀ କମିଟି ସଦସ୍ୟବୃନ୍ଦଙ୍କ ପଦର କାର୍ଯ୍ୟକାଳ ଏପରି ପ୍ରକାଶ ତାରିଖ ଠାରୁ ଆରମ୍ଭ ହେବ ।**

**(6-ଖ) ଉପଧାରା (4) ଅନୁଯାୟୀ ନିର୍ବାଚିତ ପାଣିପଞ୍ଚାୟତର ସଭାପତି, ସମ୍ପାଦକ ଓ କୋଷାଧକ୍ଷ ପାଞ୍ଚ ବର୍ଷ କିମ୍ବା ଯେପର୍ଯ୍ୟନ୍ତ ନିର୍ବାହୀ କମିଟିର ସଦସ୍ୟ ଥିବେ ସେପର୍ଯ୍ୟନ୍ତ ଏ ଦୁଇଟି ମଧ୍ୟରୁ ଯେଉଁଟି ପୂର୍ବବର୍ତ୍ତୀ ସେହି କାଳାବଧି ପାଇଁ ପଦରେ ରହିବେ ।**

(7) ନିର୍ବାହୀ କମିଟି ପାଣି ପଞ୍ଚାୟତର କ୍ଷମତା ପ୍ରୟୋଗ କରିବ ଓ କୃତ୍ୟମାନ ସମ୍ପାଦନ କରିବ ।

(8) **ଓଡ଼ିଶା ପାଣିପଞ୍ଚାୟତ ସଂଶୋଧନ ଅଧିନିୟମ 2023 ର ପ୍ରାରମ୍ଭ ପୂର୍ବରୁ ଉପଧାରା (1) କିମ୍ବା ଉପଧାରା (6) ଅନୁଯାୟୀ କୌଣସି ପାଣିପଞ୍ଚାୟତର ନିର୍ବାଚିତ ଚକ କମିଟି କିମ୍ବା ନିର୍ବାହୀ କମିଟି ସଦସ୍ୟମାନେ ସେମାନଙ୍କ 6 ବର୍ଷ କାର୍ଯ୍ୟକାଳ ପୂରଣ ପର୍ଯ୍ୟନ୍ତ ପଦ ବଜାୟ ରଖିବେ ।**

(9) ସରକାର ଅଧିସୂଚ଼ନା ଦ୍ୱାରା, ଜଳ ସମ୍ପଦ ବିଭାଗର ଅନ୍ୟୁନ କନିଷ୍ଠ ଯନ୍ତ୍ରୀ ପାହ୍ୟାର ଜଣେ ଅଧିକାରୀ ଓ କୃଷି ବିଭାଗର ଅନ୍ୟୁନ କନିଷ୍ଠ କୃଷି ଅଧିକାରୀ ପାହ୍ୟାର ଅନ୍ୟ ଜଣେ ଅଧିକାରୀଙ୍କୁ ଭୋଟ ଅଧିକାର ନ ଥାଇ, ନିର୍ବାହୀ କମିଟିର ବୈଠକଗୁଡ଼ିକୁ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟରୂପେ ମନୋନୀତ କରିପାରିବେ ।

କରନାଳ କ୍ଷେତ୍ରର ନକ୍ସାଙ୍କନ ଓ କରନାଳ କମିଟି ଗଠନ।

5.(1) ମୁଖ୍ୟଯନ୍ତ୍ରୀ, ଅଧିସୂଚ଼ନା ଦ୍ୱାରା ଓ ଏତଦୁପଲକ୍ଷେ ପ୍ରଣୀତ ନିୟମାବଳୀ ଅନୁସାରେ, କୌଣସି ବୃହତ୍ ଜଳସେଚ଼ନବ୍ୟବସ୍ଥା ଅନ୍ତର୍ଗତ ଏକ ବା ଏକାଧିକ ପାଣିପଞ୍ଚାୟତକୁ ନେଇ ଗଠିତ ହୋଇଥିବା ପ୍ରତି ସେଚିତ କ୍ଷେତ୍ର ସମ୍ବନ୍ଧରେନକ୍ସାଙ୍କନ କରିପାରିବେ ଏବଂ ଏହି ଅଧିନିୟମ ଉଦ୍ଦେଶ୍ୟରେ ତାହାକୁ ଏକ କରନାଳ କ୍ଷେତ୍ର ହେବା ପାଇଁଘୋଷଣା କରିପାରିବେ ।

(2) ଉପଧାରା (1) ଅନୁଯାୟୀ ସେଭଳି ଘୋଷିତ ହୋଇଥିବା ପ୍ରତି କରନାଲ କ୍ଷେତ୍ର ପାଇଁ ସ୍ଥାନୀୟ ସ୍ୱଷ୍ଟ ନାମରେ ନାମିତ ଏକ କରନାଲ କମିଟି ରହିବ ।

(3)(କ) କରନାଲ କ୍ଷେତ୍ରରେ ଥିବା ପାଣିପଞ୍ଚାୟତଗୁଡ଼ିକର ସମସ୍ତ ସଭାପତି, ସମ୍ପାଦକ ଓ କୋଷାଧକ୍ଷମାନେ ଯେପର୍ଯ୍ୟନ୍ତ ଏପରି ପଦ ଧାରଣକରୁଥିବେ, ସେ ପର୍ଯ୍ୟନ୍ତ ସେମାନଙ୍କୁ ନେଇ ପ୍ରତି କରନାଲକମିଟି ଗଠିତହେବ ଏବଂ ସେମାନେ କରନାଲ କମିଟିର ସାଧାରଣ ନିକାୟ ଗଠନ କରିବେ |

(ଖ) ସରକାର ଅଧିସୂଚନା ଦ୍ୱାରା, ଜଳ ସମ୍ପଦ ବିଭାଗ, କୃଷି ବିଭାଗ, ରାଜସ୍ୱ ବିଭାଗରୁ ପ୍ରତ୍ୟେକକରି ଅନ୍ତତଃ ପକ୍ଷେ ଜଣେ ଲେଖାଏଁ ଅଧିକାରୀଙ୍କୁ ଭୋଟଦେବା ଅଧିକାର ବିନା କରନାଲ କମିଟିର ସଦସ୍ୟରୂପେମନୋନୀତ କରିପାରିବେ ।

(4) ଲୋପ କରାଯାଇଛି ।

କରନାଲ କମିଟିର ନିବାହୀକମିଟିର ସଭାପତି, ସମ୍ପାଦକ କୋଷାଧକ୍ଷଙ୍କ ନିର୍ବାଚନ ଏବଂ ତାହାର ଗଠନ |

6.(1) ପ୍ରତି କରନାଲ କମିଟି ପାଇଁ ଏକ ନିର୍ବାହୀ କମିଟି ରହିବ । ବିହିତ ରୀତିରେ ଓ ଗୁପ୍ତଭୋଟ ପଦ୍ଧତିରେ କରନାଲକମିଟିର ସାଧାରଣ ନିକାୟ ମଧ୍ୟରୁ ନିର୍ବାଚିତ ସଦସ୍ୟମାନଙ୍କୁ ନେଇ ଉକ୍ତ ନିର୍ବାହୀ କମିଟି ଗଠିତହେବ ଏବଂ ସଦସ୍ୟମାନଙ୍କ ସଂଖ୍ୟା ନଅରୁ ଅଧିକ ହେବନାହିଁ ।

(2) ନିର୍ବାହୀ କମିଟିର ସଦସ୍ୟବୃନ୍ଦ ବିହିତରୀତିରେ ସେମାନଙ୍କ ମଧ୍ୟରୁ କମିଟିର ସଭାପତି ନିର୍ବାଚିତ କରିବେ ଏବଂମୁଖ୍ୟ ଯନ୍ତ୍ରୀ ଏପରି ନିର୍ବାଚନ ପାଇଁ ବ୍ୟବସ୍ଥାକରିବେ ।

(3) ଯଦି ଉପଧାରା (1) ଓ (2) ଅନୁଯାୟୀ ଅନୁଷ୍ଠିତ ନିର୍ବାଚନରେ ନିର୍ବାହୀ କମିଟିର ସଦସ୍ୟବୃନ୍ଦ ଓ ସଭାପତିନିର୍ବାଚିତ ନ ହୁଅନ୍ତି, ତାହାହେଲେ ଏପରି ଅସଫଳତା ତାରିଖଠାରୁ ୨୦ ଦିନ କାଳାବଧି ମଧ୍ୟରେ ବିହିତରୀତିରେ ସାନି ନିର୍ବାଚନମାନ ଅନୁଷ୍ଠିତ ହେବ ।

**(4) ଯଦି ସଭାପତି ପୂର୍ବରୁ ପ୍ରତ୍ୟାହୃତ ହୋଇନଥିବେ, ଏବଂ କରନାଲ କମିଟିର ନିର୍ବାହୀ କମିଟିର ସଦସ୍ୟବୃନ୍ଦ ଯେପର୍ଯ୍ୟନ୍ତ ସେହି କମିଟିର ସାଧାରଣ ନିକାୟର ସଦସ୍ୟବୃନ୍ଦ ଭାବେ ପଦ ଧାରଣ କରୁଥିବେ, ସେ ପର୍ଯ୍ୟନ୍ତ ସେମାନେ ପଦରେ ବଜାୟ ରହିବେ ।**

(5) ନିର୍ବାହୀ କମିଟି କରନାଲ କମିଟିର କ୍ଷମତା ପ୍ରୟୋଗକରିବ ଓ କୃତ୍ୟମାନ ସମ୍ପାଦନ କରିବ।

(6) ନିର୍ବାହୀ କମିଟି ଏହାର ସଭାପତିଙ୍କୁ ସହାୟତା କରିବାଲାଗି ଏହାର ସଦସ୍ୟବୃନ୍ଦଙ୍କ ମଧ୍ୟରୁ ବିହିତହେବା ରୀତିରେଜଣେ ସମ୍ପାଦକ ଓ ଜଣେ କୋଷାଧକ୍ଷଙ୍କୁ ନିର୍ବାଚିତ କରିବ । ସମ୍ପାଦକ ଓ କୋଷାଧକ୍ଷ ନିର୍ବାହୀ କମିଟିରସଂଖ୍ୟାଧିକ ସଦସ୍ୟମାନଙ୍କର ପ୍ରସନ୍ନତା ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦନ କରିଚାଲିବେ।

(7) ସରକାର ଅଧିସୂଚନା ଦ୍ୱାରା, ଜଳସମ୍ପଦ ବିଭାଗର ଏନ୍ୟୂନ ନିର୍ବାହୀ ଯନ୍ତ୍ରୀ ପାହ୍ୟାର ଜଣେ ଅଧିକାରୀ ଓ କୃଷି ବିଭାଗର ଏନ୍ୟୂନ ଜିଲ୍ଲା କୃଷି ଅଧିକାରୀ ପାହ୍ୟାର ଅନ୍ୟ ଜଣେ ଅଧିକାରୀଙ୍କୁ ଭୋଟଅଧିକାର ନ ଥାଇ, ନିର୍ବାହୀ କମିଟିର ବୈଠକଗୁଡିକୁ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟରୂପେ ମନୋନୀତକରିପାରିବେ ।

ପ୍ରକଳ୍ପ କ୍ଷେତ୍ରର ନକ୍ସାଙ୍କନ ଓ ପ୍ରକଳ୍ପ କମିଟିର ଗଠନ ।

7.(1) ସରକାର ଅଧିସୁଚନା ଦ୍ୱାରା ଓ ଏତଦୁପଲକ୍ଷେ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଅନୁସାରେ,କୌଣସି ବୃହତ୍ ଜଳସେଚନ ବ୍ୟବସ୍ଥା ଅନ୍ତର୍ଗତ ପ୍ରତି ସେଚିତ କ୍ଷେତ୍ର ବା ତାହାର ଭାଗବିଶେଷ ସମ୍ବନ୍ଧରେ ନକ୍ସାଙ୍କନ କରିପାରିବେ ଏବଂ ଏହି ଅଧିନିୟମ ଉଦ୍ଦେଶ୍ୟରେ ତାହାକୁ ଏକ ପ୍ରକଳ୍ପ କ୍ଷେତ୍ର ହେବା ପାଇଁ ଘୋଷଣା କରିପାରିବେ। ମୁଖ୍ୟଯନ୍ତ୍ରୀ ଅଧିସୁଚନା ଦ୍ୱାରା ଓ ଏତଦୁପଲକ୍ଷେ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀଅନୁସାରେ, କୌଣସି **ବୃହତଉଠା ବା କ୍ଷୁଦ୍ର** ବା ମଧ୍ୟମ ଜଳସେଚନ ପ୍ରକଳ୍ପର ସମଗ୍ର କ୍ଷେତ୍ରକୁ ପ୍ରକଳ୍ପ କ୍ଷେତ୍ରରୂପେ ନକ୍ସାଙ୍କନ କରିପାରିବେ ।

(2) ଉପଧାରା (୧) ଅନୁଯାୟୀ ଘୋଷିତ ହୋଇଥବା ପ୍ରତି ପ୍ରକଳ୍ପ କ୍ଷେତ୍ର ପାଇଁ ସ୍ୱଷ୍ଟ ନାମରେ ନାମିତ ଏକ ପ୍ରକଳ୍ପ କମିଟି ରହିବ ।

(3)(କ) ପ୍ରକଳ୍ପ କ୍ଷେତ୍ରରେ ଥବା କରନାଳ କମିଟିଗୁଡିକର ସମସ୍ତ ସଭାପତି, ସମ୍ପାଦକ ଓ କୋଷାଧକ୍ଷମାନେ ଯେପର୍ଯ୍ୟନ୍ତ ଏପରି ପଦ ଧାରଣ କରୁଥିବେ ସେ ପର୍ଯ୍ୟନ୍ତ ସେମାନଙ୍କୁ ନେଇ ପ୍ରତି ପ୍ରକଳ୍ପ କମିଟି ଗଠିତହେବ ଏବଂ ସେମାନେ ପ୍ରକଳ୍ପ କମିଟିର ସାଧାରଣ ନିକାୟ ଗଠନ କରିବେ ।

(ଖ) ସରକାର ଅଧିସୂଚନା ଦ୍ୱାରା, ଜଳସମ୍ପଦ ବିଭାଗ, କୃଷି ବିଭାଗ ଓ ରାଜସ୍ୱ ବିଭାଗରୁ ଅନ୍ତତଃ ପକ୍ଷେ ଜଣେ ଲେଖାଏଁ ଅଧିକାରୀଙ୍କୁ ଭୋଟ ଦେବା ଅଧିକାର ବିନା ପ୍ରକଳ୍ପ କମିଟିର ସଦସ୍ୟ ରୂପେ ମନୋନୀତ କରିପାରିବେ ।

(4) ଲୋପ କରାଯାଇଛି ।

(5) **କୌଣସି ବୃହତଉଠା, ମଧ୍ୟମ** ଓ କ୍ଷୁଦ୍ର (ପ୍ରବାହ) ଜଳସେଚନ ପ୍ରକଳ୍ପର ପ୍ରକଳ୍ପ କ୍ଷେତ୍ର, ପ୍ରକଳ୍ପର ସମଗ୍ର ସେଚିତ କ୍ଷେତ୍ରକୁ ଅନ୍ତର୍ଭୂକ୍ତ କରିବ। ପ୍ରକଳ୍ପ କ୍ଷେତ୍ର ମଧ୍ୟସ୍ଥ ପାଣିପଞ୍ଚାୟତ ଗୁଡିକର ସମସ୍ତ ସଭାପତି, **ସମ୍ପାଦକ ଏବଂ କୋଷାଧକ୍ଷ ବୃନ୍ଦ**ଯେପର୍ଯ୍ୟନ୍ତ ଏପରି ପଦ ଧାରଣ କରୁଥିବେ ସେପର୍ଯ୍ୟନ୍ତ ସେମାନଙ୍କୁ ନେଇ ପ୍ରକଳ୍ପ କମିଟିରସାଧାରଣ ନିକାୟ ଗଠିତ ହେବ ।

(6) ଗୋଟିଏ ପାଣିପଞ୍ଚାୟତ ରହିଥିବା ଜଳସେଚନ ବ୍ୟବସ୍ଥାରେ କୌଣସି କରନାଳ ବା ପ୍ରକଳ୍ପ କମିଟି ରହିବ ନାହିଁ ।

ପ୍ରକଳ୍ପ କମିଟିର ନିର୍ବାହୀ କମିଟିର ସଭାପତିଙ୍କ ନିର୍ବାଚନ ଓ ତାହାର ଗଠନ।

୫.(1) ପ୍ରତି ପ୍ରକଳ୍ପ କମିଟି ପାଇଁ ଏକ ନିର୍ବାହୀ କମିଟି ରହିବ । ବିହିତ ରୀତିରେ ଓ ଗୁପ୍ତଭୋଟ ପଦ୍ଧତିରେ ପ୍ରକଳ୍ପକମିଟିର ସାଧାରଣ ନିକାୟ ଦ୍ୱାରା ନିର୍ବାଚିତ ସଦସ୍ୟମାନଙ୍କୁ ନେଇ ଉକ୍ତ ନିର୍ବାହୀ କମିଟି ଗଠିତ ହେବ ଏବଂସଦସ୍ୟମାନଙ୍କ ସଂଖ୍ୟା ନଅରୁ ଅଧିକ ହେବ ନାହିଁ|

(2) ନିର୍ବାହୀ କମିଟିର ସଦସ୍ୟବୃନ୍ଦ ବିହିତ ରୀତିରେ ସେମାନଙ୍କ ମଧ୍ୟରୁ କମିଟିର ସଭାପତି ନିର୍ବାଚିତ କରିବେ ଏବଂମୁଖ୍ୟଯନ୍ତ୍ରୀ ଏପରି ନିର୍ବାଚନ ପାଇଁ ବ୍ୟବସ୍ଥା କରିବେ ।

(3) ଯଦି ଉପଧାରା (1) ଓ (2) ଅନୁଯାୟୀ ଅନୁଷ୍ଠିତ ନିର୍ବାଚନରେ ନିର୍ବାହୀ କମିଟିର ସଦସ୍ୟବୃନ୍ଦ ଓ ସଭାପତିନିର୍ବାଚିତ ନ ହୁଅନ୍ତି, ତାହାହେଲେ ଏପରି ଅସଫଳତା ତାରିଖ ଠାରୁ ୨୦ ଦିନ କାଳାବଧି ମଧ୍ୟରେ ବିହିତରୀତିରେ ସାନି ନିର୍ବାଚନମାନ ଅନୁଷ୍ଠିତ ହେବ ।

(4) **ଯଦି ସଭାପତି ପୂର୍ବରୁ ପ୍ରତ୍ୟାହୃତ ହୋଇନଥିବେ, ପ୍ରକଳ୍ପ କମିଟିର ନିର୍ବାହୀ କମିଟିର ସଦସ୍ୟବୃନ୍ଦ ଯେପର୍ଯ୍ୟନ୍ତ ସେହି କମିଟିର ସାଧାରଣ ନିକାୟର ସଦସ୍ୟବୃନ୍ଦ ଭାବେ ପଦ ଧାରଣ କରୁଥିବେ, ସେ ପର୍ଯ୍ୟନ୍ତ ସେମାନେ ପଦରେ ବଜାୟ ରହିବେ ।**

(5) ନିର୍ବାହୀ କମିଟି ପ୍ରକଳ୍ପ କମିଟିର କ୍ଷମତା ପ୍ରୟୋଗ କରିବ ଓ କୃତ୍ୟମାନ ସମ୍ପାଦନ କରିବ।

(6) ନିର୍ବାହୀ କମିଟି ଏହାର ସଭାପତିଙ୍କୁ ସହାୟତା କରିବା ଲାଗି ଏହାର ସଦସ୍ୟବୃନ୍ଦଙ୍କ ମଧ୍ୟରୁ ଜଣେ ସମ୍ପାଦକ ଓ ଜଣେ କୋଷାଧକ୍ଷଙ୍କୁ ନିର୍ବାଚିତ କରିବ । ସମ୍ପାଦକ ଓ କୋଷାଧକ୍ଷ ନିର୍ବାହୀ କମିଟିର ସଂଖ୍ୟାଧିକ ସଦସ୍ୟମାନଙ୍କର ପ୍ରସନ୍ନତା ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦନ କରି ଚାଲିବେ ।

(7) ସରକାର ଅଧିସୂଚନା ଦ୍ୱାରା, ଜଳ ସମ୍ପଦ ବିଭାଗର ଅନ୍ୟୁନ ନିର୍ବାହୀ ଯନ୍ତ୍ରୀ ପାହ୍ୟାରୁ ତଳୁଆ ହୋଇ ନ ଥିବା ଜଣେ ଅଧିକାରୀ ଓ କୃଷି ବିଭାଗର ଅନ୍ୟୁନ ଜିଲ୍ଲା କୃଷି ଅଧିକାରୀ ପାହ୍ୟାରୁ ତଳୁଆ ହୋଇନଥିବା ଅନ୍ୟ ଜଣେ ଅଧିକାରୀଙ୍କୁଭୋଟ ଅଧିକାର ନଥାଇ, ନିର୍ବାହୀ କମିଟିର ବୈଠକଗୁଡିକୁ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟରୂପେ ମନୋନୀତ କରିପାରିବେ ।

ରାଜ୍ୟସ୍ତରୀୟ କମିଟି ।

୨. (1) ସରକାର ଅଧିସୂଚନାଦ୍ୱାରା, ପ୍ରକଳ୍ପ କମିଟଗୁଡିକରୁ ଯେପରି ଆବଶ୍ୟକ ମନେ କରାଯିବ ସେପରି ସଂଖ୍ୟକସଭାପତିମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରିପାରିବେ, କିନ୍ତୁ ଉକ୍ତ ସଭାପତିମାନଙ୍କର ସଂଖ୍ୟା ଦଶଜଣରୁ ଅଧିକ ହେବ ନାହିଁ ।

(2) ସରକାର ଅଧିସୂଚନା ଦ୍ୱାରା, ଆବଶ୍ୟକ ମନେକରାଯିବା ପ୍ରକାରେ ଅନଧିକ ଦଶଜଣ ସରକାରୀ ପଦାଧିକାରୀଓ ପେଶାଦାରମାନଙ୍କୁ ରାଜ୍ୟସ୍ତରୀୟ କମିଟିର ସଦସ୍ୟରୂପେ ମନୋନୀତ କରିପାରିବେ ।

(3) ଉପଧାରା (1) ଓ (2) ଅନୁଯାୟୀ ଗଠିତ କମିଟି- -

(i) ଏହି ଅଧିନିୟମର ବ୍ୟବସ୍ଥାଗୁଡିକୁ କାର୍ଯ୍ୟକାରୀ କରିବାପାଇଁ ନୀତି ନିର୍ଦ୍ଧାରଣ କରିବା; ଓ

(ii) ଏହି ଅଧିନିୟମର ବ୍ୟବସ୍ଥାଗୁଡିକ ଅନୁସାରେ ସେମାନଙ୍କ କ୍ଷମତା ପ୍ରୟୋଗ ଓ କୃତ୍ୟ ସମ୍ପାଦନ କରିବାରେ,ଯେପରି ଆବଶ୍ୟକ ମନେକରାଯାଇପାରେ କୃଷକ ସଙ୍ଗଠନକୁ ସେପରି ନିର୍ଦ୍ଦେଶ ଦେବା ସକାଶେ ଯେପରିଆବଶ୍ୟକ ହୋଇପାରେ ସେପରି କ୍ଷମତା ପ୍ରୟୋଗ କରିପାରିବ ଓ କୃତ୍ୟମାନ ସମ୍ପାଦନ କରିପାରିବ ।

(4) ରାଜ୍ୟସ୍ତରୀୟ କମିଟିର କାର୍ଯ୍ୟକାଳ ଏହାର ଗଠନ ତାରିଖଠାରୁ **ପାଞ୍ଚବର୍ଷ** କାଳାବଧି ପାଇଁ ହେବ । ସରକାରଉକ୍ତ କାର୍ଯ୍ୟକାଳକୁ ଅନ୍ୟ କମିଟି ଗଠିତ ହେବା ପର୍ଯ୍ୟନ୍ତ ଅଧିକତର କାଳାବଧି ପାଇଁ ବଢାଇ ଦେଇ ପାରିବେ ।

ପ୍ରତ୍ୟାହାର ପାଇଁ ପ୍ରକ୍ରିୟା

10.(1) କୃଷକ ସଂଗଠନର ଯେଉଁ ସଦସ୍ୟମାନେ ଭୋଟଦେବାକୁ ହକ୍‌ଦାର ଅଟନ୍ତି ସେମାନଙ୍କ ମୋଟ ସଂଖ୍ୟାର ଅନ୍ୟୂନଏକ-ତୃତୀୟାଂଶ ସଦସ୍ୟମାନଙ୍କ ଦ୍ୱାରା ସ୍ୱାକ୍ଷରିତ ଲିଖିତ ନୋଟିସ ବିହିତ ରୀତିରେ ଦିଆଯାଇ କୌଣସି କୃଷକ ସଙ୍ଗଠନର **ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ**ଙ୍କ ପ୍ରତ୍ୟାହାର ପାଇଁ ସାଧାରଣ ନିକାୟର ଏକ ସ୍ୱତନ୍ତ୍ର ବୈଠକ ଡକାଯିବାଲାଗି ପ୍ରସ୍ତାବଆଗତ କରାଯାଇ ପାରିବ :

ପରନ୍ତୁ ଯେଉଁ ବ୍ୟକ୍ତିଙ୍କ ବିରୋଧରେ ପ୍ରସ୍ତାବ ଆଗତ କରାଯିବାଲାଗି ଉଦ୍ଦିଷ୍ଟ, ସେହି ବ୍ୟକ୍ତିଙ୍କ ପଦ ଗ୍ରହଣ ତାରିଖର ଏକବର୍ଷ ମଧ୍ୟରେ ଏହି ଧାରା ଅନୁଯାୟୀ କୌଣସି ପ୍ରସ୍ତାବ ନୋଟିସ ଦିଆଯିବ ନାହିଁ ।

(2) ଯେଉଁଠାରେ ଉପଧାରା (୧) ଅନୁଯାୟୀ ଏକ ବୈଠକ ଡକାଯାଏ ଏବଂ ଉପସ୍ଥିତ ରହି ଭୋଟ ଦେଇଥିବା ସଦସ୍ୟମାନଙ୍କ ମଧ୍ୟରୁ ଅନ୍ୟୂନ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସମର୍ଥନରେ ସଭାପତି, ସମ୍ପାଦକ କିମ୍ବା କୋଷାଧ୍ୟକ୍ଷଙ୍କ ପ୍ରତ୍ୟାହାର ପାଇଁ ପ୍ରସ୍ତାବ ଗୃହୀତ ହୁଏ, ଏପରି ବୈଠକର ବିବରଣୀ ଦସ୍ତାବିଜ ହସ୍ତଗତ ହେବାପରେ, ବୃହତ, ମଧ୍ୟମ ଏବଂ କ୍ଷୁଦ୍ର (ପ୍ରବାହ) ଜଳସେଚନ ପ୍ରକଳ୍ପ କ୍ଷେତ୍ରରେ ମୁଖ୍ୟଯନ୍ତ୍ରୀ, ବୃହତ ଉଠା ଜଳସେଚନ ପଏଣ୍ଟ କ୍ଷେତ୍ରରେଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଏବଂ ଉଠା ଜଳସେଚନ ପଏଣ୍ଟ କ୍ଷେତ୍ରରେନିର୍ବାହୀ ଯନ୍ତ୍ରୀ ଆଦେଶନାମା ବଳରେ ସଭାପତି, ସମ୍ପାଦକ କିମ୍ବା କୋଷାଧ୍ୟକ୍ଷଙ୍କୁ ପଦରୁ ଅପସାରଣ କରିବେ ଏବଂ ଫଳ ସ୍ୱରୂପ ଶୂନ୍ୟପଡିଥିବା ଶୂନ୍ୟସ୍ଥାନଟିକୁ ସାମୟିକ ଶୂନ୍ୟସ୍ଥାନ ପୂରଣକରିବା ରୀତିରେ ପୂରଣ କରାଯିବ :

ପରନ୍ତୁ ସ୍ୱତନ୍ତ୍ରଭାବରେ ଡକାଯାଇଥିବା ସାଧାରଣ ନିକାୟର କୋରମ ଏହାର ମୋଟ ସଦସ୍ୟ ସଂଖ୍ୟାର 50 % ହେବ ।

କୃଷକ ସଂଗଠନରେ ସବ୍-କମିଟିମାନ ଗଠନ ।

11. କୌଣସି କୃଷକ ସଂଗଠନର ନିର୍ବାହୀ କମିଟି ଏହି ଅଧିନିୟମ ଅନୁଯାୟୀ ଏପରି ପ୍ରତ୍ୟେକ ସଂଗଠନ ଉପରେ ନ୍ୟସ୍ତହୋଇଥବା ସମସ୍ତ କୃତ୍ୟଗୁଡିକ ବା ତନ୍ମଧ୍ୟରୁ ଯେକୌଣସି କୃତ୍ୟ ସମ୍ପାଦନ କରିବା ସକାଶେ ଏହାର ସଦସ୍ୟମାନଙ୍କ ମଧ୍ୟରୁସଦସ୍ୟମାନଙ୍କୁ ନେଇ ସବ୍-କମିଟିମାନ ଗଠନ କରିପାରିବ ।

କୃଷକ ସଂଗଠନ ଏକ ନିଗମ ନିକାୟ ହେବ।

12. ପ୍ରତି କୃଷକ ସଂଗଠନର ଶାଶ୍ୱତ ଉତ୍ତରାଧିକାର ଓ ସାଧାରଣ ମୋହରଥାଇ ଏହା ସ୍ପଷ୍ଟ ନାମରେ ନାମିତ ଏକ ନିଗମନିକାୟ ହେବ ଏବଂ ଏହି ଅଧିନିୟମର ବ୍ୟବସ୍ଥାଗୁଡିକ ପ୍ରତି ସାପେକ୍ଷ ରହି, ଚୁକ୍ତି ସମ୍ପାଦନ କରିବା ଓ ଏହା ଯେଉଁ ଉଦ୍ଦେଶ୍ୟରେ ଗଠିତ ହୋଇଛି ସେହି ଉଦ୍ଦେଶ୍ୟରେ ଆବଶ୍ୟକ, ଉଚିତ ବା ସମୀଚୀନ ମନେ ହେଉଥିବା ସମସ୍ତ କାର୍ଯ୍ୟ କରିବା ପାଇଁ ଏହାଙ୍କଠାରେ କ୍ଷମତା ନ୍ୟସ୍ତ ହେବ ଏବଂ ଏହାଙ୍କ ସମ୍ପାଦକଙ୍କୁ ପ୍ରତିନିଧି କରାଯାଇ ଏହା ମକଦ୍ଦମା କରିବ ବା ଏହାଙ୍କ ବିରୋଧରେ ମକଦ୍ଦମା କରାଯିବ।

କୃଷକ ସଂଗଠନରେ ପରିବର୍ତ୍ତନ ।

13. କୃଷକ ସଂଗଠନର ସୀମା ସମ୍ବନ୍ଧରେ ନକସାଙ୍କନ କରିବାପାଇଁ କ୍ଷମତାପନ୍ନ ପ୍ରାଧିକାରୀ ସେଚିତ କ୍ଷେତ୍ରରେ କୃଷକ ସଂଗଠନର ସ୍ୱାର୍ଥ ଦୃଷ୍ଟିରୁ ଅଧିସୂଚନା ଦ୍ୱାରା ଓ ଏତଦୁପଲକ୍ଷେ ପ୍ରଣୀତ ନିୟମାବଳୀ ଅନୁସାରେ - -

(କ) ଯେକୌଣସି କୃଷକ ସଂଗଠନରୁ କ୍ଷେତ୍ରକୁ ପୃଥକ୍ କରି ଏକ ନୂତନ କୃଷକ ସଂଗଠନ ଗଠନ କରିପାରିବେ;

(ଖ) ଯେକୌଣସି କୃଷକ ସଂଗଠନର କ୍ଷେତ୍ରକୁ ବୃଦ୍ଧି କରିପାରିବେ;

(ଗ) ଯେକୌଣସି କୃଷକ ସଂଗଠନର କ୍ଷେତ୍ରକୁ ହ୍ରାସ କରିପାରିବେ;

(ଘ) ଯେକୌଣସି କୃଷକ ସଂଗଠନର ସୀମାରେ ପରିବର୍ତ୍ତନ କରିପାରିବେ; ବା

(ଙ) ଯେ କୌଣସି ଭ୍ରମ ସଂଶୋଧନ କରିବାପାଇଁ ଏହି ଅଧିନିୟମ ଅନୁଯାୟୀ ଜାରି କରାଯାଇଥିବା କୌଣସି ଅଧିସୂଚନାକୁ ରଦ୍ଦ କରିପାରିବେ :

ପରନ୍ତୁ କ୍ଷତିଗ୍ରସ୍ତ ହେବାର ସମ୍ଭାବନାଥିବା ସଂଗଠନକୁ କୌଣସି ଯୁକ୍ତିଯୁକ୍ତ ଶୁଣାଣିର ସୁଯୋଗ ଦିଆଯାଇନଥିଲେ ଏପରି କୌଣସି ପୃଥକୀକରଣ, ବୃଦ୍ଧି, ହ୍ରାସ, ପରିବର୍ତ୍ତନ ଓ ରଦ୍ଦକରଣ କରାଯିବ ନାହିଁ।

ପ୍ରାର୍ଥୀ ବା ସଦସ୍ୟମାନଙ୍କର ଅଯୋଗ୍ୟତା।

14.(1) ଭାରତ ସରକାରଙ୍କର ବା ରାଜ୍ୟ ସରକାରଙ୍କର ବା ସ୍ଥାନୀୟ ପ୍ରାଧିକାରୀଙ୍କର କୌଣସି ଅଧିକାରୀ ବା ସେବକକୌଣସି କୃଷକ ସଂଗଠନର ନିର୍ବାହୀ କମିଟିର ଜଣେ ସଭାପତି ବା ଜଣେ ସଦସ୍ୟରୂପେ ନିର୍ବାଚିତ ହେବା ପାଇଁ ଯୋଗ୍ୟହେବେ ନାହିଁ ।

(2) ଯେଉଁ ବ୍ୟକ୍ତି ନିର୍ବାଚନପାଇଁ ମନୋନୟନ ପତ୍ରର ଯାଞ୍ଚ ନିମନ୍ତେ ଧାର୍ଯ୍ୟ ହୋଇଥିବା ତାରିଖରେ ବା ମନୋନୟନ ତାରିଖରେ –

(କ) ତତ୍‌ସମୟେ ବଳବତ୍ତର ରହିଥିବା ଯେକୌଣସି ବିଧି ଅନୁଯାୟୀ କରିଥିବା ନୈତିକ ଭ୍ରଷ୍ଟାଚାର ଜନିତ ଅପରାଧରେ କୌଣସି ଦଣ୍ଡ ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥାନ୍ତି ; ବା

(ଖ) ବିକୃତ ମସ୍ତିଷ୍କ ହୋଇଥାନ୍ତି ଏବଂ କ୍ଷମତାପନ୍ନ ନ୍ୟାୟାଳୟ ଦ୍ୱାରା ଏପରି ବିକୃତ ମସ୍ତିଷ୍କ ବ୍ୟକ୍ତି ବୋଲି ଘୋଷିତ ହୋଇଥାନ୍ତି ; ବା

(ଗ) ଜଣେ ଦେବାଳିଆ ବ୍ୟକ୍ତିରୂପେ ନ୍ୟାୟନିର୍ଣ୍ଣିତ ହେବାକୁ ଦରଖାସ୍ତକାରୀ ହୋଇଥାନ୍ତି ବା ଦେବାଳିଆ ବ୍ୟକ୍ତି ରୂପେ ବା ଅବିମୁକ୍ତ ଦେବାଳିଆବ୍ୟକ୍ତି (Undischargeinsolvent) ରୂପେ ଘୋଷିତ ହୋଇଥାନ୍ତି ; ବା

(ଘ) ଏକେତ ସରକାରଙ୍କୁ ପ୍ରଦେୟ ଭୂ-ରାଜସ୍ୱ ବା ଜଳକର ବା ଦେୟ ଅର୍ଥ ଅଥବା କୌଣସି ସମବାୟ ସମିତି ବା କୃଷକ ସଂଗଠନକୁ ପ୍ରଦେୟ, ଦେୟ ଅର୍ଥ ପ୍ରଦାନ କରିବାରେ ଜଣେ ଖିଲାପକାରୀ ହୋଇଥାନ୍ତି ; ବା

(ଙ) ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ବା ଯେକୌଣସି ରାଜ୍ୟ ବା କେନ୍ଦ୍ର ସରକାର କୃଷକ ସଂଗଠନ ସହିତ ପୂର୍ବରୁ ବିଦ୍ୟମାନ ରହିଥିବା ଚୁକ୍ତିନାମାରେ ବା ଏମାନଙ୍କ ପାଇଁ କରାଯାଇଥିବା ଯେକୌଣସି କାର୍ଯ୍ୟ ସକାଶେ ଜଣେ ସ୍ୱାର୍ଥାନ୍ୱିତ ବ୍ୟକ୍ତି ହୋଇଥାନ୍ତି, ସେହି ବ୍ୟକ୍ତି ନିର୍ବାହୀ କମିଟିର ଜଣେ ସଭାପତି ବା ଜଣେ ସଦସ୍ୟ ରୂପେ ନିର୍ବାଚିତ ହେବାପାଇଁ ଯୋଗ୍ୟ ହେବେ ନାହିଁ :

ପରନ୍ତୁ କୌଣସି ବ୍ୟକ୍ତିଙ୍କର ଅଂଶ ବା ସ୍ୱାର୍ଥ ---

(i) କୌଣସି କମ୍ପାନୀରେ ଜଣେ ନିର୍ଦ୍ଦେଶକରୂପେ ନ ହୋଇ କେବଳ ଜଣେ ଅଂଶୀଦାରରୂପେ ; ବା

(ii) ସ୍ଥାବର ସମ୍ପତ୍ତିର ଯେକୌଣସି ଲିଜ୍, ବିକ୍ରୟ ବା ଖରିଦ ବା ଉକ୍ତ ସମ୍ପତ୍ତିର ବିକ୍ରୟ ବା ଖରିଦପାଇଁହୋଇଥିବା ଯେକୌଣସି ରାଜିନାମାରେ ; ବା

(iii) ଯେକୌଣସି ସମ୍ବାଦପତ୍ରରେ ପ୍ରକାଶ ପାଇଁ ଥିବା କୃଷକ ସଂଗଠନର ବ୍ୟାପାର ସଂକ୍ରାନ୍ତୀୟ ଯେକୌଣସିବିଜ୍ଞାପନରେ କେବଳ ରହିଥିବା କାରଣରୁ ଏପରି ଚୁକ୍ତିନାମା ବା କାର୍ଯ୍ୟରେ ତାହାଙ୍କର କୌଣସିସ୍ୱାର୍ଥ ନାହିଁ ବୋଲି ବିବେଚିତ ହେବ ।

(3) ନିମ୍ନଲିଖିତ କ୍ଷେତ୍ରରେ ମଧ ନିର୍ବାହୀ କମିଟିର କୌଣସି ସଭାପତି ବା ସଦସ୍ୟ ନିଜର ପଦ ରଖିବା ପାଇଁ ଅଯୋଗ୍ୟ ହେବେ:–

(କ) ଯଦି ସେ ନୈତିକ ଭ୍ରଷ୍ଟାଚାର ଜନିତ କୌଣସି ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥାନ୍ତି; ବା

(ଖ) ଯଦି ସେ ଯୁକ୍ତିଯୁକ୍ତ କାରଣ ବିନା ତିନୋଟି କ୍ରମାଗତ ବୈଠକରେ ଯୋଗ ଦେବାରୁ ଅନୁପସ୍ଥିତ ରୁହନ୍ତି ।

ଶୂନ୍ୟସ୍ଥାନ-ଗୁଡ଼ିକର ପୂରଣ ।

15. (1) ଏକେତ ଧାରା 14ର ଉପଧାରା (3) ଅନୁଯାୟୀ ଅଯୋଗ୍ୟତା ହେତୁ ଅଥବା ମୃତ୍ୟୁ ବା ଇସ୍ତଫା ବା ଯେକୌଣସି କାରଣରୁ ଉଦ୍‌ଭୂତ ହୋଇଥିବା କୌଣସି ଶୂନ୍ୟସ୍ଥାନ ବିହିତ ରୀତିରେ ପୂରଣ ହେବା ପର୍ଯ୍ୟନ୍ତ ତାହାକୁ ମନୋନୟନ ଦ୍ୱାରା ପୂରଣ କରାଯିବ ।

(କ) ପାଣି ପଞ୍ଚାୟତର ନିର୍ବାହୀ କମିଟିରେ ହୋଇଥିବା କୌଣସି ଶୂନ୍ୟସ୍ଥାନକୁ ବୃହତ୍ ଜଳ ସେଚ଼ନ ପ୍ରକଳ୍ପଗୁଡ଼ିକ ସ୍ଥଳେ କରନାଳ କମିଟିର ନିର୍ବାହୀ କମିଟିଦ୍ୱାରା, ମଧ୍ୟମ,**ବୃହତ ଉଠା**, ଓ କ୍ଷୁଦ୍ର ଜଳସେଚ଼ନ ପ୍ରକଳ୍ପଗୁଡିକ ସ୍ଥଳେ ପ୍ରକଳ୍ପ କମିଟିର ନିର୍ବାହୀ କମିଟିଦ୍ୱାରା ବିହିତ ରୀତିରେ ମନୋନୟନ ମାଧ୍ୟମରେ ପୂରଣ କରାଯିବ ;

**(କ-1) ଉଠା ଜଳସେଚନ ପଏଣ୍ଟ କ୍ଷେତ୍ରରେ, ପାଣିପଞ୍ଚାୟତର ନିର୍ବାହୀ କମିଟିରେ ହୋଇଥିବା ଏକ ଶୂନ୍ୟସ୍ଥାନ, ସାଧାରଣ ନିକାୟରୁ ବିହିତ ହେବା ରୀତିରେ ନିର୍ବାହୀ କମିଟିର ମନୋନୟନ ଦ୍ୱାରା ପୂରଣ କରାଯିବ, ଏବଂ**

(ଖ) କରନାଳ କମିଟିର ନିର୍ବାହୀ କମିଟିରେ ହୋଇଥିବା କୌଣସି ଶୂନ୍ୟସ୍ଥାନକୁ ପ୍ରକଳ୍ପ କମିଟିର ନିର୍ବାହୀକମିଟିଦ୍ୱାରା ବିହିତ ରୀତିରେ ମନୋନୟନ ମାଧ୍ୟମରେ ପୂରଣ କରାଯିବ ; ଏବଂ

(ଗ) ପ୍ରକଳ୍ପ କମିଟିର ନିର୍ବାହୀ କମିଟିରେ ହୋଇଥିବା କୌଣସି ଶୂନ୍ୟସ୍ଥାନକୁ ବିହୀତ ରୀତିରେ ସରକାରଙ୍କ ମନୋନୟନ ଦ୍ୱାରା ପୂରଣ କରାଯିବ ।

(2) ଯେକୌଣସି ଶୂନ୍ୟସ୍ଥାନ ସୃଷ୍ଟିହେବା ତାରିଖଠାରୁ ତିନିମାସ କାଳାବଧି ମଧରେ ସୃଷ୍ଟିହୋଇଥିବା ଏପରି ଶୂନ୍ୟସ୍ଥାନକୁ ପୂରଣ କରିବା ସକାଶେ, ଯଥାସ୍ଥିତି, ମୁଖ୍ୟଯନ୍ତ୍ରୀ ବା **ଅତିରିକ୍ତ ମୁଖ୍ୟଯନ୍ତ୍ରୀ କିମ୍ବା ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଯଥାସ୍ଥିତି,**ବା ନିର୍ବାହୀ ଯନ୍ତ୍ରୀ ନିର୍ବାଚନମାନ ପରିଚାଳନା କରିବାକୁ ଆବଶ୍ୟକ ପଦକ୍ଷେପ ନେବେ ।

(3) ଉପଧାରା (2) ଅନୁଯାୟୀ ନିର୍ବାଚ଼ିତ ହୋଇଥିବା ନିର୍ବାହୀ କମିଟିର କୌଣସି ସଦସ୍ୟଙ୍କର ବା କୃଷକ ସଂଗଠନରକୌଣସି ସଭାପତିଙ୍କର ପଦର କାର୍ଯ୍ୟକାଳ, ସେ ମାମୁଲି ନିର୍ବାଚନରେ ନିର୍ବାଚିତ ହୋଇଥିଲେ ଯେଉଁ ସମୟରେ ଶେଷ ହୋଇଥାନ୍ତା, ସେହି ସମୟରେ ଶେଷ ହେବ।

## ଅଧ୍ୟାୟ III

## କୃଷକ ସଂଗଠନର ଉଦ୍ଦେଶ୍ୟ ଓ କୃତ୍ୟମାନ

ଉଦ୍ଦେଶ୍ୟମାନ ।

16. ଜଳ ବ୍ୟବହାରକାରୀମାନଙ୍କ ମଧ୍ୟରେ ଜଳ ବଣ୍ଟନକୁ ବୃଦ୍ଧି ଓ ସୁରକ୍ଷିତକରିବା, ଜଳ ସେଚ଼ନ ବ୍ୟବସ୍ଥାର ଯଥୋଚ଼ିତ ରକ୍ଷଣାବେକ୍ଷଣ କରିବା, ସର୍ବାଧିକ କୃଷି ଉତ୍ପାଦନ ସକାଶେ ଜଳର ସୂଚାରୁ ଓ ମିତବ୍ୟୟୀ ଉପଯୋଗକରିବା, ପରିବେଶ ସୁରକ୍ଷାକରିବା ଏବଂ କୃଷକମାନଙ୍କୁ ସଂଶ୍ଲିଷ୍ଟକରି ପାରିବେଶିକ ଭାରସାମ୍ୟ ରକ୍ଷା କରିବା ପାଇଁ ନିଶ୍ଚିତକରିବା, ଜଳ ବଜେଟ୍ ଓ କାର୍ଯ୍ୟଯୋଜନା ଅନୁସାରେ ଜଳସେଚ଼ନ ବ୍ୟବସ୍ଥାର ମାଲିକାନା ମନୋଭାବ ପୋଷଣ କରିବା ହେବ କୃଷକ ସଂଗଠନର ଉଦ୍ଦେଶ୍ୟମାନ ।

ପାଣି ପଞ୍ଚାୟତର କୃତ୍ୟମାନ ।

17. ପାଣି ପଞ୍ଚାୟତ ନିମ୍ନଲିଖିତ କୃତ୍ୟମାନ ସମ୍ପାଦନ କରିବ, ଯଥା –

(କ) ନାନାବିଧ ଫସଲ ଉପୁଜାଇବା ପ୍ରତି ଯଥୋଚ଼ିତ ଧ୍ୟାନଦେଇ, ମୃତ୍ତିକା ଓ କୃଷି ଜଳବାୟୁ ଅବସ୍ଥାର ଅନୁକୂଳ ହେଉଥିବା ଏକ ଫସଲ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ;

(ଖ) ପ୍ରତି ଫସଲ ଋତୁର ଶେଷରେ ଏହାଙ୍କ କାର୍ଯ୍ୟ କ୍ଷେତ୍ରରେ ଥିବା ଜଳସେଚନ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଏବଂ ସମୟକୁ ସମୟ ପାଣିପଞ୍ଚାୟତ ପାଣ୍ଠିରେ ଏହାଙ୍କ କାର୍ଯ୍ୟ କ୍ଷେତ୍ରରେ ଥିବାଉଭୟ କେନାଲ ବ୍ୟବସ୍ଥା ଏବଂ କ୍ଷୁଦ୍ର, **ସବ୍ -ମାଇନର ଓ କ୍ଷେତ୍ର ଡ୍ରେନ୍ ଗୁଡ଼ିକର ଏବଂ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଉଠା ଜଳସେଚନ ପଏଣ୍ଟ ବ୍ୟତୀତ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାର ଶୀର୍ଷସ୍ଥଳୀୟ ନିର୍ମାଣ କାର୍ଯ୍ୟର ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପାଦନ କରିବା ;**

(ଗ) ଦୁଇ ପକ୍ଷଙ୍କ ମଧ୍ୟରେ ପାରସ୍ପରିକ ରାଜିନାମା ଜରିଆରେ କୃଷକ ସଙ୍ଗଠନକୁ ହସ୍ତାନ୍ତରିତ ହୋଇପାରିବା ଓ ଉଠା ଜଳସେଚନ ପଏଣ୍ଟ ଗୁଡ଼ିକୁ ପରିଚାଳନା କରିବା;

(ଘ) ଜଳସେଚନ ବ୍ୟବସ୍ଥାର ବାରବନ୍ଦି ଅନୁସୂଚୀ ଅନୁଯାୟୀ ଏହାଙ୍କ କାର୍ଯ୍ୟ କ୍ଷେତ୍ରାନ୍ତର୍ଗତ ବିଭିନ୍ନ ପାଇପ ମାଧ୍ୟମ ନିର୍ଗମ ପଥଗୁଡ଼ିକ ମଧ୍ୟରେ ଜଳ ବ୍ୟବହାରକୁ ନିୟନ୍ତ୍ରଣ କରିବା;

(ଙ) ଆବଣ୍ଟିତ ଜଳରାଶିର ବ୍ୟବହାରରେ ମିତବ୍ୟୟିତାକୁ ପ୍ରୋତ୍ସାହିତ କରିବା;

(ଚ) ଜଳକର ବାବଦ ପାଉଣା ଓ ତାହାର ଅସୁଲନେଇ ପ୍ରସ୍ତୁତି କାର୍ଯ୍ୟରେ ରାଜସ୍ୱ ବିଭାଗକୁ ସହାୟତା କରିବା;

ସ୍ପଷ୍ଟୀକରଣ -- ୟୁରୋପୀୟ ସମାଜ ଦାରା ସାହାଯ୍ୟପ୍ରାପ୍ତ କ୍ଷୁଦ୍ର ଜଳସେଚନ (ପ୍ରବାହ) ପ୍ରକଳ୍ପଗୁଡ଼ିକ ସ୍ଥଳେ, ଜଳସମ୍ପଦ ବିଭାଗର ସଂକଳ୍ପନାମା ସଂ 48049, ତା 04-12-1999ରିଖରେ ଉଲ୍ଲିଖିତ ହୋଇଥିବା ମତେ ରାଜସ୍ୱ ବିଭାଗକୁ ଜଳକର ପ୍ରଦାନରୁ କୃଷକ ସଙ୍ଗଠନକୁ ଛାଡ଼ କରାଯିବ;

(ଛ) ଶକ୍ତି ବାବଦ ଦେୟ ଅର୍ଥ, ଯନ୍ତ୍ରପାତିଗୁଡ଼ିକର ମରାମତି, ରକ୍ଷଣାବେକ୍ଷଣ ଓ ଜଳବଣ୍ଟନ ବ୍ୟବସ୍ଥା ପାଇଁ ଭବିଷ୍ୟତରେ ମେସିନ ଇତ୍ୟାଦିକୁ ବଦଳାଯିବା ପାଇଁ ଅର୍ଥ ପ୍ରଦାନ ନିମନ୍ତେ ଉଠାଜଳସେଚନ ପଏଣ୍ଟଗୁଡ଼ିକର ଜଳ ବ୍ୟବହାରକାରି ମାନଙ୍କଠାରୁ ଫିସ୍ ଅସୁଲ କରିବା;

(ଜ) ଭୂ-ଧାରକ ମାନଙ୍କର ଏକ ରେଜିଷ୍ଟର ରଖିବା;

(ଝ) କାର୍ଯ୍ୟକ୍ଷେତ୍ର ମଧ୍ୟରେ ଥିବା ଜଳସେଚନ ବ୍ୟବସ୍ଥା ସଂକ୍ରାନ୍ତରେ ଏକ ଦ୍ରବ୍ୟ ତାଲିକା ପ୍ରସ୍ତୁତ କରିବା ଓ ତାହାକୁ ରଖିବା;

(ଞ) ଜଳସେଚନପାଇଁ ଜଳପ୍ରବାହ ଉପରେ ଲକ୍ଷ୍ୟ ରଖିବା ଓ ତାହାର ଦେଖାଚାହାଁ କରିବା;

(ଟ) ଏହାଙ୍କ କାର୍ଯ୍ୟକ୍ଷେତ୍ରରେ ଯଦି ସଦସ୍ୟବୃନ୍ଦ ଓ ଜଳ ବ୍ୟବହାରକାରୀମାନଙ୍କ ମଧ୍ୟରେ କୌଣସି ବିବାଦଉପୁଜେ, ତାହାହେଲେ ତାହାର ମୀମାଂସା କରିବା;

(ଠ) ସମ୍ବଳ ବୃଦ୍ଧି କରିବା;

(ଡ) ହିସାବପତ୍ର ରଖିବା;

(ଢ) ଏହାଙ୍କ ହିସାବପତ୍ରର ବାର୍ଷିକ ଅଡିଟ କରାଇବା ;

(ଣ) ନିର୍ବାଚନଗୁଡ଼ିକର ପରିଚାଳନାରେ ନିର୍ବାହୀ କମିଟିକୁ ସହାୟତା କରିବା;

(ତ) ବିହିତହେବା ପ୍ରକାରେ ଅନ୍ୟାନ୍ୟ ଅଭିଲେଖ ରଖିବା;

(ଥ) କରନାଳ ଓ ପ୍ରକଳ୍ପ କମିଟିମାନଙ୍କର ନିଷ୍ପତ୍ତିଗୁଡ଼ିକୁ ମାନି ଚଳିବା;

(ଦ) ବିହିତହେବା ପ୍ରକାରେ ସାଧାରଣ ନିକାୟର ବୈଠକଗୁଡ଼ିକୁ ପରିଚାଳନା କରିବା;

(ଧ) କେନାଲ ବନ୍ଧ ଓ ପୋଖରୀ ବନ୍ଧଗୁଡ଼ିକୁ ଲିଜ୍ ଦିଆଯାଇ, ଉକ୍ତ ବନ୍ଧଗୁଡ଼ିକ ଉପରେ ପଥପାର୍ଶ୍ୱ ବୃକ୍ଷରୋପଣକୁ ଉତ୍ସାହିତ କରିବା;

(ନ) ନିୟମିତ ଜଳବଜେଟ୍ ପ୍ରସ୍ତୁତି କରଣକୁ ପରିଚାଳନା କରିବା; ଏବଂ

(ପ) ବିହିତହେବା ପ୍ରକାରେ ସାମୟିକ ସାମାଜିକ ଅଡିଟ ପରିଚାଳନା କରିବା ।

କରନାଳ କମିଟିର କୃତ୍ୟମାନ ।

୧୪. କରନାଳ କମିଟି ନିମ୍ନଲିଖିତ କୃତ୍ୟମାନ ସମ୍ପାଦନ କରିବ, ଯଥା ---

(କ) ପ୍ରକଳ୍ପ କମିଟି ପ୍ରସ୍ତୁତ କରିଥିବା କାର୍ଯ୍ୟ ଯୋଜନାର ଅନୁରୂପ ପ୍ରକାରେ ପ୍ରତି ଜଳସେଚନ ଋତୁର ଆରମ୍ଭରେ ଏହାଙ୍କର ହକ୍, କ୍ଷେତ୍ର, ମୃତ୍ତିକା, ଫସଲ ଢାଞ୍ଚାକୁ ଭିତ୍ତିକରି ଏକ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା;

(ଖ) ପ୍ରତି ଫସଲ ଋତୁ ଶେଷରେ ଏହାଙ୍କର କାର୍ଯ୍ୟ କ୍ଷେତ୍ର ମଧ୍ୟରେ ଥିବା ଉଭୟ କରନାଳ ଓ କ୍ଷେତ୍ର ଡ୍ରେନ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଏବଂ ସମୟକୁ ସମୟ କମିଟିପାଣ୍ଠିରେ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପାଦନ କରିବା;

(ଗ) ଏହାଙ୍କ କାର୍ଯ୍ୟକ୍ଷେତ୍ର ଅଧୀନରେ ଥିବା ବିଭିନ୍ନ ପାଣି ପଞ୍ଚାୟତଗୁଡ଼ିକ ମଧ୍ୟରେ ଜଳ ବ୍ୟବହାରକୁନିୟନ୍ତ୍ରଣ କରିବା;

(ଘ) ଏହାଙ୍କ କାର୍ଯ୍ୟକ୍ଷେତ୍ର ମଧ୍ୟରେ ଥିବା ପାଣିପଞ୍ଚାୟତଗୁଡ଼ିକ ମଧ୍ୟରେ ଯଦି କୌଣସି ବିବାଦ ଉପୁଜେ, ତାହାହେଲେ ତାହାର ମୀମାଂସା କରିବା;

(ଙ) ଡ୍ରେନ୍‌ଗୁଡ଼ିକ ସମେତ, ଏହାଙ୍କ କାର୍ଯ୍ୟକ୍ଷେତ୍ର ମଧ୍ୟରେ ଥିବା ଜଳସେଚନ ବ୍ୟବସ୍ଥା ସଂକ୍ରାନ୍ତରେ ଏକଦ୍ରବ୍ୟ ତାଲିକା ରଖିବା;

(ଚ) ଆବଣ୍ଟିତ ଜଳରାଶିର ବ୍ୟବହାରରେ ମିତବ୍ୟୟିତାକୁ ପ୍ରୋତ୍ସାହିତ କରିବା;

(ଛ) ହିସାବପତ୍ର ରଖିବା ;

(ଜ) ବାର୍ଷିକ ଅଡିଟ କରାଇବା;

(ଝ) ବିହିତ ହେବା ପ୍ରକାରେ ଅନ୍ୟାନ୍ୟ ଅଭିଲେଖ ରଖିବା;

(ଞ) ଜଳସେଚନ ପାଇଁ ଜଳପ୍ରବାହ ଉପରେ ଲକ୍ଷ୍ୟ ରଖିବା ଓ ତାହାର ଦେଖାଚାହାଁ କରିବା;

(ଟ) ବିହିତହେବା ପ୍ରକାରେ ସାଧାରଣ ନିକାୟର ବୈଠକଗୁଡିକୁ ପରିଚାଳନା କରିବା,

(ଠ) ପ୍ରକଳ୍ପ କମିଟିର ନିଷ୍ପତ୍ତିଗୁଡିକୁ ମାନି ଚଳିବା;

(ଡ) ବିହିତହେବା ପ୍ରକାରେ ନିୟମିତ ଜଳ ବଜେଟ ପ୍ରସ୍ତୁତ କରାଇବା ଓ ସାମୟିକ ସାମାଜିକ ଅଡିଟ୍ କରାଇବା;

(ଢ) ନିର୍ବାଚନ ପରିଚାଳନାରେ ନିର୍ବାହୀ କମିଟିକୁ ସହାୟତା କରିବା; ଏବଂ

(ଣ) ଏହାଙ୍କ କାର୍ଯ୍ୟକ୍ଷେତ୍ର ମଧ୍ୟରେ ପଥପାର୍ଶ୍ୱ ବୃକ୍ଷରୋପଣକୁ ଉତ୍ସାହିତ କରିବା ।

ପ୍ରକଳ୍ପ କମିଟିର କୃତ୍ୟମାନ

19. (1) ପ୍ରକଳ୍ପ କମିଟି ନିମ୍ନଲିଖିତ କୃତ୍ୟମାନ ସମ୍ପାଦନ କରିବ, ଯଥା ---

(କ) ପ୍ରତି ଜଳସେଚନ ଋତୁର ଆରମ୍ଭରେ ସମଗ୍ର ପ୍ରକଳ୍ପ କ୍ଷେତ୍ର ସଂକ୍ରାନ୍ତରେ ଏହାଙ୍କର ହକ୍, କ୍ଷେତ୍ର, ମୃତ୍ତିକା, ଫସଲ ଢାଞ୍ଚାକୁ ଭିତ୍ତିକରି କ୍ଷମତାପନ୍ନ ପ୍ରାଧିକାରୀ ପ୍ରସ୍ତୁତ କରିଥିବା କାର୍ଯ୍ୟ ଯୋଜନାକୁ ଅନୁମୋଦନ ଦେବା;

(ଖ) ପ୍ରତି ଫସଲ ଋତୁର ଶେଷରେ ଏହାଙ୍କ କାର୍ଯ୍ୟକ୍ଷେତ୍ର ମଧ୍ୟରେ ଥିବାବଡ ବଡ ଡ୍ରେନ୍‌ଗୁଡିକ ସମେତଜଳସେଚନ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ନିମନ୍ତେ ପ୍ରସ୍ତୁତ ଯୋଜନାକୁ ଅନୁମୋଦନ ଦେବା ଏବଂସମୟକୁ ସମୟ କମିଟି ପାଣ୍ଠିରେ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପାଦନ କରିବା;

(ଗ) ଏହାଙ୍କ କାର୍ଯ୍ୟକ୍ଷେତ୍ର ଅନ୍ତର୍ଗତ କରନାଳ କମିଟି ଓ ପାଣିପଞ୍ଚାୟତଗୁଡିକର ଏକ ତାଲିକା ରଖିବା;

(ଘ) ଏହାଙ୍କ କାର୍ଯ୍ୟକ୍ଷେତ୍ରରେ ଥିବା କରନାଳ ଓ ଜଳ ନିଷ୍କାସନ ବ୍ୟବସ୍ଥା ସଂକ୍ରାନ୍ତରେ ଏକ ଦ୍ରବ୍ୟ ତାଲିକା ରଖିବା;

(ଙ) କରନାଳ କମିଟିଗୁଡିକ ମଧ୍ୟରେ ଯଦି କୌଣସି ବିବାଦ ଉପୁଜେ, ତାହାହେଲେ ତାହାର ମୀମାଂସା କରିବା ;

(ଚ) ଜଳ ବ୍ୟବହାରରେ ମିତବ୍ୟୟିତାକୁ ପ୍ରୋତ୍ସାହିତ କରିବା;

(ଛ) ହିସାବପତ୍ର ରଖିବା;

(ଜ) ଏହାଙ୍କ ହିସାବପତ୍ରର ବାର୍ଷିକ ଅଡିଟ କରାଇବା ;

(ଝ) ବିହିତ ହେବା ପ୍ରକାରେ ଅନ୍ୟାନ୍ୟ ଅଭିଲେଖ ରଖିବା;

(ଞ) ବିହିତ ହେବା ପ୍ରକାରେ ସାଧାରଣ ନିକାୟର ବୈଠକଗୁଡିକୁ ପରିଚାଳନା କରିବା ;

(ଟ) ବିହିତ ହେବା ପ୍ରକାରେ ନିୟମିତ ଜଳ ବଜେଟ ପ୍ରସ୍ତୁତ କରାଇବା ଓ ସାମୟିକ ସାମାଜିକ ଅଡ଼ିଟକରାଇବା; ଏବଂ

(ଠ) ଏହାଙ୍କ କାର୍ଯ୍ୟ କ୍ଷେତ୍ରରେ ପଥପାର୍ଶ୍ୱ ବୃକ୍ଷରୋପଣକୁ ଉତ୍ସାହିତ କରିବା

(2) କୌଣସି କୃଷକ ସଂଗଠନ ଉପରୋକ୍ତ କୃତ୍ୟଗୁଡିକ ସହିତ ନିମ୍ନଲିଖିତ କୃତ୍ୟମାନ ସମ୍ପାଦନ କରିପାରିବ, ଯଥା --

(କ) ସାଧାରଣ ନିକାୟ ଦ୍ୱାରା ଅନୁମୋଦିତ ଦରରେ ବିହନ, କୃଷିସାର ଓ ଉତ୍ପାଦନ ଲାଗି ନିୟୋଜିତ ହେବା ଅନ୍ୟାନ୍ୟ ଯନ୍ତ୍ର ଓ ଶକ୍ତି ଯୋଗାଇବା ;

(ଖ) ସାଧାରଣ ନିକାୟ ଦ୍ୱାରା ନିଷ୍ପତ୍ତିହେବା ପ୍ରକାରେ ସଦସ୍ୟମାନଙ୍କର କୃଷିଜାତ ଦ୍ରବ୍ୟର କିଣାବିକା କରିବା ;

(ଗ) ସାଧାରଣ ନିକାୟ ଦ୍ୱାରା ନିଷ୍ପତ୍ତି ହେବା ପ୍ରକାରେ ସଦସ୍ୟମାନଙ୍କର ମୂଲ୍ୟ ଯୁକ୍ତ ଦ୍ରବ୍ୟଗୁଡିକ ନିମନ୍ତେ ଉଦ୍ୟୋଗର ଦାୟିତ୍ୱ ନେବା ;

(ଘ) ସାଧାରଣ ନିକାୟ ଦ୍ୱାରା ଅନୁମୋଦିତ ହେବା ପ୍ରକାରେ କୃଷକମାନଙ୍କର କୃଷି କର୍ମରେ ସେମାନଙ୍କୁ ସେବା ଯୋଗାଇଦେବା ସକାଶେ କୃଷିସେବା କେନ୍ଦ୍ର ପ୍ରତିଷ୍ଠା କରିବା ;

(ଙ) ସାଧାରଣ ନିକାୟ ଦ୍ୱାରା ଅନୁମୋଦିତ ହେବା ପ୍ରକାରେ ସଦସ୍ୟମାନଙ୍କୁ ଋଣ ଯୋଗାଇ ଦେବାପାଇଁ ଏକ ସ୍ୱୟଂ ସହାୟକ ଗୋଷ୍ଠୀରୂପେ କାର୍ଯ୍ୟ କରିବା ।

ଫିସ୍ ଓ ଜଳକର ବସାଇବା, ଅସୁଲ କରିବା କ୍ଷମତା ।

20. (1) କୌଣସି କୃଷକ ସଂଗଠନ, ଏହି ଅଧିନିୟମକୁ କାର୍ଯ୍ୟକାରୀ କରିବା, ସଂଗଠନର ଉଦ୍ଦେଶ୍ୟ ସାଧନକରିବା ଓ ଏହାଙ୍କର କୃତ୍ୟଗୁଡିକୁ ସମ୍ପାଦନ କରିବା ପାଇଁ, ସମୟକୁ ସମୟ ସରକାରଙ୍କ ଦ୍ଵାରା ଯେପରି ବିହିତ ହୋଇପାରେ ବା ସଂଗଠନ ଦ୍ଵାରା ଯେପରି ନିଷ୍ପତ୍ତି ହୋଇପାରେ, ସେପରି ଫିସ୍‌ବସାଇ ପାରିବ ଓ ତାହାକୁ ଅସୁଲ କରିପାରିବ ।

(2) ଉଠା ଜଳସେଚ୍ନ ପଏଣ୍ଟଗୁଡିକ ସ୍ଥଳେ, କୃଷକ ସଂଗଠନ ଜଳକର ଧାର୍ଯ୍ୟ କରିବ । ପ୍ରକଳ୍ପର ଶକ୍ତି ବାବଦ ଦେୟ ଅର୍ଥ ଓ ରକ୍ଷଣାବେକ୍ଷଣ ବାବଦ ଦେୟ ଅର୍ଥ ବାବଦରେ ହେଉଥିବା ଖର୍ଚ୍ଚକୁ ମିଶାଇ ଉକ୍ତ ଜଳକର ଧାର୍ଯ୍ୟ କରାଯିବ। କୌଣସି ଜଳ ବ୍ୟବହାରକାରୀ ନିର୍ଦ୍ଦିଷ୍ଟ ଋତୁରେ କୌଣସି ଜଳର ଉପଯୋଗ କରିନଥିଲେ, କୃଷକ ସଂଗଠନର ସାଧାରଣ ନିକାୟ ଯେପରି ନିଷ୍ପତ୍ତି କରିପାରନ୍ତି, ସେପରି ସର୍ବନିମ୍ନଦେୟ ଅର୍ଥ ଧାର୍ଯ୍ୟକରିବା ପାଇଁ କୃଷକ ସଂଗଠନ କ୍ଷମତାପନ୍ନ ହେବେ । ଓଡ଼ିଶା ଉଠା ଜଳସେଚ୍ନନିଗମ କୃଷକ ସଂଗଠନର ସଦସ୍ୟମାନଙ୍କଠାରୁ କୌଣସି ଜଳକର ଅସୁଲ କରିବ ନାହିଁ।

(3) କୃଷକ ସଂଗଠନ, ସରକାରଙ୍କ ଦାରା ସମୟକୁ ସମୟ ବିନିର୍ଦ୍ଦିଷ୍ଟ ହେବା ସେପରି ପ୍ରକଳ୍ପ ଗୁଡିକରୁ ଓ ସେପରି ରୀତିରେ ଜଳକର ଅସୁଲ କରିପାରିବ ।

କ୍ଷମତାପନ୍ନ ପ୍ରାଧିକାରୀଙ୍କ ନିଯୁକ୍ତି ଓ ତାହାଙ୍କ କୃତ୍ୟମାନ ।

21. (1) ସରକାର ଅଧିସୂଚ୍ନାଦ୍ଵାରା, ଏହା ଯେପରି ଆବଶ୍ୟକ ବିଚାର କରିପାରନ୍ତି, ଜଳ ସମ୍ପଦ ବିଭାଗରୁ ବା ଅନ୍ୟ ଯେକୌଣସି ବିଭାଗ ବା ନିଗମରୁ ସେପରି ଅଧିକାରୀଙ୍କୁ ଏହି ଅଧିନିୟମ ଉଦ୍ଦେଶ୍ୟରେ ପ୍ରତି କୃଷକ ସଂଗଠନ ପାଇଁ କ୍ଷମତାପନ୍ନ ପ୍ରାଧିକାରୀ ହେବା ସକାଶେ ନିଯୁକ୍ତ କରିପାରିବେ।

(2) ଉପଧାରା (1) ଅନୁଯାୟୀ ନିଯୁକ୍ତ କ୍ଷମତାପନ୍ନ ପ୍ରାଧିକାରୀ, ଯେପରି ବିହିତ ହୋଇପାରେ ସେପରି କର୍ତ୍ତବ୍ୟମାନ ସମ୍ପାଦନ କରିବେ ।

## ଅଧ୍ୟାୟ IV
## ସମ୍ବଳ

କୃଷକ ସଂଗଠନର ସମ୍ବଳ।

22. କୃଷକ ସଂଗଠନର ପାଣ୍ଠି ନିମ୍ନଲିଖିତ ମତେ ଗଠିତ ହେବ ଅର୍ଥାତ୍---

(କ ) କାର୍ଯ୍ୟ କ୍ଷେତ୍ରର ଉନ୍ନୟନ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ଵାରା ମଞ୍ଜୁର ହୋଇଥିବା ପାଣ୍ଠି ;

(ଖ) ଏହାର କାର୍ଯ୍ୟ କ୍ଷେତ୍ରରେ ଯେକୌଣସି ଅର୍ଥନୈତିକ ଉନ୍ନୟନ କାର୍ଯ୍ୟକ୍ରମ ନିମନ୍ତେ ଯେକୌଣସି ଅର୍ଥ ଯୋଗାଣକାରୀ ଏଜେନ୍‌ସିରୁ ମିଳିଥିବା ସମ୍ବଳ ;

(ଗ) କୃଷକମାନଙ୍କର ସଂଗଠନ ଦ୍ଵାରା ପରିଚାଳିତ ସମ୍ପତ୍ତି ଓ ଆସ୍ତିରୁ ଆୟ ;

(ଘ) ଜଳସେଚ୍ନ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ପ୍ରଦତ୍ତ ସେବା ନିମନ୍ତେ ଜଳ ବ୍ୟବହାରକାରୀଙ୍କ ଠାରୁ କୃଷକ ସଂଗଠନ ଦ୍ଵାରା ସଂଗୃହୀତ ଫିସ; ଏବଂ

(ଙ) ଅନ୍ୟ ଯେକୌଣସି ଉତ୍ସସମେତ ସ୍ଥାନୀୟ କ୍ଷେତ୍ର ଉନ୍ନୟନ ବିଧାୟକ ପାଣ୍ଠି ଏବଂ ସ୍ଥାନୀୟ କ୍ଷେତ୍ର ଉନ୍ନୟନ ସାଂସଦ ପାଣ୍ଠି ଇତ୍ୟାଦିରୁ ମିଳିଥିବା ଅର୍ଥ ।

## ଅଧ୍ୟାୟ V
## ଅପରାଧ ଓ ଶାସ୍ତି

ଅପରାଧ ଓ ଶାସ୍ତି ।

23. ଯେ କେହି କୌଣସି ବିଧି ସମ୍ମତ ପ୍ରାଧିକାର ବିନା --

(କ ) କୌଣସି ଜଳ ସେଚ୍ନ ବ୍ୟବସ୍ଥାର ଅପଚ୍ୟ, ପରିବର୍ତ୍ତନ, ପରିବର୍ଦ୍ଧନ ବା ଗତିରୋଧ କରିବେ ; ବା

(ଖ) ଯେକୌଣସି ଜଳସେଚ୍ନ ବ୍ୟବସ୍ଥାରୁ ଏହା ଜରିଆରେ, ତାହାର ଉପର ମୁଣ୍ଡରେ ବା ତଳସ୍ତରରେ ଜଳଯୋଗାଣ ବା ଜଳ ପ୍ରବାହରେ ହସ୍ତକ୍ଷେପ କରନ୍ତି, ତାହାର ବୃଦ୍ଧି କରନ୍ତି ବା ତାହାର ହ୍ରାସ ବୃଦ୍ଧି କରନ୍ତି ; ବା

(ଗ) ଜଳ ସେଚ୍ନ ବ୍ୟବସ୍ଥାର ରକ୍ଷଣା ବେକ୍ଷଣ ନିମନ୍ତେ ଦାୟିତ୍ୱରେଥାଇ ସେହି ଜଳର ଅପଚ୍ୟ ଜନିତକ୍ଷତିର ନିବାରଣ ନିମନ୍ତେ ସତର୍କତା ମୂଳକ ବ୍ୟବସ୍ଥା ଗ୍ରହଣ କରିବାରେ ଅବହେଳା କରନ୍ତି ବା ସେହି ଜଳର ପ୍ରାଧିକୃତ ବଣ୍ଟନରେ ବାଧା ସୃଷ୍ଟିକରନ୍ତି ବା ଅପ୍ରାଧିକୃତ ରୀତିରେ ବା ଏପରି ରୀତିରେ ଜଳ ବ୍ୟବହାର କରନ୍ତି, ଯାହାକି ନିକଟସ୍ଥ ଜୋତର କ୍ଷତି ଘଟାଉ ଥାଏ ;ବା

(ଘ) କୌଣସି ଜଳ ସେଚ୍ନ ବ୍ୟବସ୍ଥାର ଜଳ ସାଧାରଣତଃ ଯେଉଁ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥାଏ ସେହି ଉଦ୍ଦେଶ୍ୟରେ ଏହାକୁ ଅନୁପଯୋଗୀ କରିଦେବା ଉଦ୍ଦେଶ୍ୟରେ ଦୂଷିତ ବା ମଇଳା କରିଦିଅନ୍ତି; ବା

(ଙ) କୌଣସି ଜଳସ୍ତର ଚ୍ହିନ୍ନ, ଜଳ ମାପକ ଯନ୍ତ୍ର ବା କୌଣସି ଲୋକ ସେବକଙ୍କ ପ୍ରାଧିକାର ବଳରେ ସ୍ଥିରୀକୃତ ଅନ୍ୟ କୌଣସି ଚିହ୍ନ ବା ସଙ୍କେତକୁ ପ୍ରତିରୋଧ କରନ୍ତି ବା ତାହାର ଅପସାରଣ କରନ୍ତି; ବା

(ଚ) କୌଣସି ଜଳ ସେଚନ ବ୍ୟବସ୍ଥାରେ ଥିବା ପାଣି ଫାଟକ ବା ନିର୍ଗମ ପଥ ବା ଅନ୍ୟ କୌଣସି ସାଧନକୁ ଖୋଲନ୍ତି, ବନ୍ଦ କରନ୍ତି ବା ଗତିରୋଧ କରନ୍ତି ବା ଖୋଲିବାକୁ, ବନ୍ଦ କରିବାକୁ ବା ଗତିରୋଧ କରିବାକୁ ଚ୍ଷ୍ଟା କରନ୍ତି, ସେ ଦୋଷୀ ସାବ୍ୟସ୍ତ ହେଲେ ଏକମାସ ପର୍ଯ୍ୟନ୍ତ କାରବାସରେ ବା ଦୁଇଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

ଅନ୍ୟ କୌଣସି ବିଧି ଅନୁଯାୟୀ ଦଣ୍ଡରୁ ନିବାରଣ କରାଯାଇ ପାରିବ ନାହିଁ ।

24. ଏହି ଅଧିନିୟମ ଦ୍ୱାରା ବା ଅନୁଯାୟୀ ଯେଉଁ କୃତାକୃତକର୍ମ ନିମନ୍ତେ ଦଣ୍ଡନୀୟ ହେବା କଥା ସେଥି ନିମନ୍ତେ ତତ୍କାଳପ୍ରବୃତ୍ତ ଅନ୍ୟ କୌଣସି ବିଧି ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ ଏହି ଅଧିନିୟମରେ ଥିବା କୌଣସି ବିଷୟ ଅଭିଯୋଜିତ ଏବଂ ଦଣ୍ଡିତହେବାରୁ ନିବାରଣ କରି ପାରିବନାହିଁ :

ପରନ୍ତୁ କୌଣସି ବ୍ୟକ୍ତି ସେହି ଏକା ଅପରାଧ ନିମନ୍ତେ ଏକାଧିକ ଥର ଅଭିଯୋଜିତ ଏବଂ ଦଣ୍ଡିତ ହେବେ ନାହିଁ ।

ଅପରାଧଗୁଡିକର ରଫା

25. (1) କୌଣସି ବ୍ୟକ୍ତି, ଯେକି ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ କରିଛନ୍ତି ବା ଯେଉଁ ବ୍ୟକ୍ତିଙ୍କ ସମ୍ପର୍କରେ ଯୁକ୍ତିଯୁକ୍ତ ବିଶ୍ୱାସ କରାଯାଇପାରେ - ଯେ ସେ ଏକ ଅପରାଧ କରିଛନ୍ତି, ତାହାହେଲେ କୃଷକ ସଂଗଠନ ସେହି ବ୍ୟକ୍ତିଙ୍କ ଠାରୁ ସେପରି ଅପରାଧର ରଫା ନିମନ୍ତେ ଏକଶତ ଟଙ୍କା ବା କୃଷକ ସଂଗଠନର ହୋଇଥବା କ୍ଷତି ପରିମାଣ ସହିତ ସମ ପରିମାଣ ଏ ଦୁଇଟି ମଧ୍ୟରୁ ଯେଉଁଟା ଅଧିକ ହେଉଥିବ ତାହା ପ୍ରତିଫଳ ବାବଦକୁ ଗ୍ରହଣ କରିବେ ।

(2) ସେପରି ଧନରାଶିର ପ୍ରଦାନ ପରେ ସେହି ବ୍ୟକ୍ତି, ଯଦି ଜିମାରେ ଥାଆନ୍ତି, ତାହାହେଲେ ତାହାଙ୍କୁ ଉନ୍ମୁକ୍ତ କରାଯିବ ଏବଂ ସେପରି ରଫା ହୋଇଥିବା ଅପରାଧ ସମ୍ପର୍କରେ ତାହାଙ୍କ ବିରୋଧରେ ଆଉ କୌଣସି କାର୍ଯ୍ୟବିଧି ଗ୍ରହଣ କରାଯିବ ନାହିଁ

## ଅଧ୍ୟାୟ VI
## ବିବାଦଗୁଡିକର ମୀମାଂସା

ବିବାଦଗୁଡିକର ମୀମାଂସା ।

26. (1) କୌଣସି କୃଷକ ସଂଗଠନର ସଦସ୍ୟମାନଙ୍କ ମଧ୍ୟରେ ଯଦି ଏହାର ଗଠନ, ପରିଚାଳନା, କ୍ଷମତା ବାକୃତ୍ୟଗୁଡିକ ସମ୍ପର୍କରେ କୌଣସି ବିବାଦ ବା ମତଭେଦ ଦେଖାଯାଏ ତାହାହେଲେ ସେଗୁଡିକ ସମ୍ପୃକ୍ତ କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ମୀମାଂସା ହେବ ।

(2) କୌଣସି ପାଣି ପଞ୍ଚାୟତର କୌଣସି ସଦସ୍ୟ ଓ ନିର୍ବାହୀ କମିଟି ମଧ୍ୟରେ ବା ଦୁଇ ବା ତହିଁରୁ ଅଧିକ ପାଣିପଞ୍ଚାୟତ ମଧ୍ୟରେ ସେପରି କୌଣସି ବିବାଦ ବା ମତଭେଦ ଉପୁଜିଲେ ତାହା କରନାଳ କମିଟି ଦ୍ୱାରା ମୀମାଂସା ହେବ।

(3) କୌଣସି କରନାଳ କମିଟିର କୌଣସି ସଦସ୍ୟ ଓ ନିର୍ବାହୀ କମିଟି ମଧ୍ୟରେ ବା ଦୁଇ ବା ତହିଁରୁ ଅଧିକ କରନାଳ କମିଟି ମଧ୍ୟରେ ବିବାଦ ବା ମତଭେଦ ଉପୁଜିଲେ ତାହା ପ୍ରକଳ୍ପ କମିଟିରି କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ମୀମାଂସା ହେବ ।

(4) କୌଣସି ପ୍ରକଳ୍ପ କମିଟିର କୌଣସି ସଦସ୍ୟ ଓ ନିର୍ବାହୀ କମିଟି ମଧ୍ୟରେ ବା ଦୁଇ ବା ତହିଁରୁ ଅଧିକ ପ୍ରକଳ୍ପ କମିଟି ମଧ୍ୟରେ ସେପରି କୌଣସି ବିବାଦ ବା ମତଭେଦ ଉପୁଜିଲେ ତାହା ରାଜ୍ୟସ୍ତରୀୟ କମିଟି ଦ୍ୱାରା ମୀମାଂସା ହେବ, ଯାହାଙ୍କର ନିଷ୍ପତ୍ତି ଚୂଡାନ୍ତ ହେବ ।

(5) ଏହି ଧାରା ଅନୁଯାୟୀ ବିନିର୍ଦ୍ଦିଷ୍ଟ ପ୍ରତ୍ୟେକ ବିବାଦ ବା ମତଭେଦ, ବିବାଦ ବା ମତଭେଦ ସମ୍ପର୍କରେ ସୂଚିତ ତାରିଖ ଠାରୁ ତିରିଶ ଦିନ ମଧ୍ୟରେ ଫଇସଲା ହେବ ।

ଅପିଲ।

27. (1) କୌଣସି ବିବାଦ ବା ମତଭେଦ ନିମନ୍ତେ କୌଣସି ପକ୍ଷ କୌଣସି ପାଣି ପଞ୍ଚାୟତର ନିର୍ବାହୀ କମିଟି ଦ୍ୱାରା ନିଆଯାଇଥବା ନିଷ୍ପତ୍ତି ବା ଦିଆଯାଇଥିବା ଆଦେଶ ଦ୍ୱାରା ବ୍ୟଥିତ ହୋଇଥିଲେ ସେ କରନାଳ କମିଟିର ନିର୍ବାହୀ କମିଟି ନିକଟରେ ଅପିଲ ଦାଏର କରିପାରିବେ ଯାହାଙ୍କ ନିଷ୍ପତ୍ତି ସେ ସମ୍ପର୍କରେ ଚୂଡାନ୍ତ ହେବ।

(2) କୌଣସି ବିବାଦ ବା ମତଭେଦ ନିମନ୍ତେ କୌଣସି ପକ୍ଷ କୌଣସି କରନାଳ କମିଟିର ନିର୍ବାହୀ କମିଟି ଦ୍ୱାରା ନିଆଯାଇଥବା ନିଷ୍ପତ୍ତି ବା ଦିଆଯାଇଥିବା ଆଦେଶ ଦ୍ୱାରା ବ୍ୟଥିତ ହୋଇଥିଲେ ଏକ ପ୍ରକଳ୍ପ କମିଟି ନିକଟରେ ଅପିଲ ଦାଏର କରିପାରିବେ ଯାହାଙ୍କ ନିଷ୍ପତ୍ତି ସେ ସମ୍ପର୍କରେ ଚୂଡାନ୍ତ ହେବ ।

(3) କୌଣସି ବିବାଦ ବା ମତଭେଦ ନିମନ୍ତେ କୌଣସି ପକ୍ଷ ପ୍ରକଳ୍ପ କମିଟିର କାର୍ଯ୍ୟ ନିର୍ବାହୀ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ବା ଦିଆଯାଇଥିବା ଆଦେଶ ଦ୍ୱାରା ବ୍ୟଥିତ ହୋଇଥିଲେ ସେ ରାଜ୍ୟସ୍ତରୀୟ କମିଟି ନିକଟରେ ଅପିଲ ଦାଏର କରିପାରିବେ ଯାହାଙ୍କ ନିଷ୍ପତ୍ତି ସେ ସମ୍ପର୍କରେ ଚୂଡାନ୍ତ ହେବ ।

(4) ଉଠା ଜଳସେଚନ ପଏଣ୍ଟ କ୍ଷେତ୍ରରେ, କୌଣସି ସଦସ୍ୟ ଏବଂ କାର୍ଯ୍ୟ ନିର୍ବାହୀ କମିଟି ମଧ୍ୟରେ ଏବଂ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟମାନଙ୍କ ମଧ୍ୟରେ କୌଣସି ବିବାଦ, ଯାହାକି କାର୍ଯ୍ୟ ନିର୍ବାହୀ କମିଟି ଦ୍ୱାରା ମୀମାଂସା ହୋଇପାରିବ ନାହିଁ, ତାହା ଯେପରି ବିହିତ ହୋଇପାରେ ସେପରି କ୍ଷମତାପନ୍ନ ପ୍ରାଧିକାରୀଙ୍କ ନିକଟରେ ଉପସ୍ଥାପିତ କରାଯିବ, ଯାହାଙ୍କ ନିଷ୍ପତ୍ତି ଚୂଡାନ୍ତ ଓ ବାଧକର ହେବ ।

(5) ଉପଧାରା (1) ବା ଉପଧାରା (2) ବା ଉପଧାରା (3) ବା ଉପଧାରା (4) ଅନୁଯାୟୀ ଯେ କୌଣସି ଅପିଲ, ବ୍ୟଥିତ ହୋଇଥିବା ବ୍ୟକ୍ତିଙ୍କୁ ନିଷ୍ପତ୍ତି ବା ଆଦେଶ ଜଣାଇବାର 15ଦିନ ମଧ୍ୟରେ ଦାଏର କରାଯାଇ ପାରିବ ।

## ଅଧ୍ୟାୟ VII
## ବିବିଧ

କୃଷକ ସଂଗଠନ ଦ୍ୱାରା ହିସାବ, ଅଭିଲେଖ ଓ ଦସ୍ତାବିଜଗୁଡିକ ରଖାଯିବ।

28. (1) ପ୍ରତ୍ୟେକ କୃଷକ ସଂଗଠନ ଏହାଙ୍କ କାର୍ଯ୍ୟାଳୟରେ ନିମ୍ନଲିଖିତ ହିସାବ, ଅଭିଲେଖ ଓ ଦସ୍ତାବିଜ ରଖିବେ,ଅର୍ଥାତ୍ ---

(କ) ଏହି ଅଧିନିୟମର ଏକ ଅଦ୍ୟତନ ନକଲ ଓ ତଦଧୀନ ପ୍ରଣୀତ ନିୟମାବଳୀ;

(ଖ) ଜଳସମ୍ପଦ ବିଭାଗର ପରାମର୍ଶ କ୍ରମେ ପ୍ରସ୍ତୁତ କୃଷକ ସଂଗଠନର କାର୍ଯ୍ୟକ୍ଷେତ୍ରର ଏକ ନକ୍ସା ସମେତ ସଂରଚନା ଓ କରନାଳ ନେଟ୍‌ୱାର୍କର ନକ୍ସା;

(ଗ) ସଦସ୍ୟମାନଙ୍କର ଏକ ତାଲିକା;

(ଘ) ଆସ୍ତି ଓ ଦାୟିତ୍ୱ ଗୁଡିକର ବିବରଣୀ;

(ଙ) କାର୍ଯ୍ୟ ବିବରଣୀ ବହି;

(ଚ) ପ୍ରାପ୍ତି ଓ ବ୍ୟୟ ଦର୍ଶାଉଥିବା ହିସାବ ବହି;

(ଛ) କୃଷକ ସଂଗଠନ ଦ୍ୱାରା ସମସ୍ତ ମାଲ କ୍ରୟ ଓ ବିକ୍ରୟ ସମ୍ପର୍କିତ ହିସାବ ବହି;

(ଜ) ମାପ ବହି, କ୍ଷେତର ଜଳସ୍ତର ବହି, କାର୍ଯ୍ୟାଦେଶ ଇତ୍ୟାଦିର ରେଜିଷ୍ଟର;

(ଝ) ସମୀକ୍ଷା ରିପୋର୍ଟ ଏବଂ ତଦନ୍ତ ରିପୋର୍ଟର ନକଲ; ଏବଂ

(ଞ) ଯେପରି ବିହିତ ହୋଇପାରେ ସେପରି ସମସ୍ତ ଅନ୍ୟାନ୍ୟ ହିସାବ, ଅଭିଲେଖ ଓ ଦସ୍ତାବିଜ ।

(2) କୃଷକ ସଂଗଠନର ସଦସ୍ୟମାନଙ୍କର ଏବଂ ଯଥାସ୍ଥିତି, ଜଳସମ୍ପଦ ବିଭାଗ ବା ଉଠାଜଳସେଚନ ନିଗମର (ଓ.ଏଲ.ଆଇ.ସି) ନିରୀକ୍ଷଣ ଅଧିକାରୀମାନଙ୍କର ଅବଗତି ନିମନ୍ତେ ହିସାବ ବହି ଓ ଅନ୍ୟାନ୍ୟ ଦସ୍ତାବିଜଗୁଡିକ ଉନ୍ମୁକ୍ତ ରହିବ ।

ସମୀକ୍ଷା ଏବଂ ନିରୀକ୍ଷଣ ।

29. (1) ପ୍ରତ୍ୟେକ କୃଷକ ସଂଗଠନ ବିହିତ ରୀତିରେ ତାହାଙ୍କ ହିସାବକୁ ସମୀକ୍ଷା କରାଇବେ ।

(2) ଯଥାସ୍ଥିତି, ଜଳସମ୍ପଦ ବିଭାଗ ଓ ଓଡିଶା ଉଠା ଜଳସେଚନ ନିଗମ (ଓ.ଏଲ୍.ଆଇ.ସି )ର ଅଧିକାରୀମାନେ ବିହିତ ରୀତିରେ କୃଷକ ସଂଗଠନର ଅଭିଲେଖଗୁଡିକୁ ନିରୀକ୍ଷଣ କରିବେ।

ଦେୟର ଅସୁଲ।

30. ଜଳ ବ୍ୟବହାରକାରୀଙ୍କ ଦ୍ୱାରା କୃଷକ ସଂଗଠନକୁ ପ୍ରଦେୟ ବା ଦେୟ ସମସ୍ତ ଅର୍ଥ ପରିମାଣ ସେମାନଙ୍କ ଠାରୁ ବକେୟା ଭୂ-ରାଜସ୍ୱ ଆକାରରେ ଅସୁଲ ହେବ।

ସଭା।

31. କୃଷକ ସଙ୍ଗଠନ ଓ ତାହାର କାର୍ଯ୍ୟନିର୍ବାହୀ କମିଟିର ସଭାମାନ ସେପରି ସମୟ, ବ୍ୟବଧାନରେ ଅନୁଷ୍ଠିତ ହେବ, ତାହାର ପ୍ରକ୍ରିୟା, ସଭାପତି ପଦ ଓ କୋରମ ଏବଂ ତା'ର ସଦସ୍ୟ ପଦର ବିରତି ସମ୍ବନ୍ଧରେ ଯେପରି ବିହିତ ହୋଇପାରେ ସେପରି ହେବ ।

ଇସ୍ତଫା ।

32. (1) କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟିର ସାଧାରଣ ନିକାୟର କୌଣସି ସଦସ୍ୟ, ରେଜିଷ୍ଟ୍ରିକୃତ ଡାକଯୋଗେ ସଂପୃକ୍ତ କାର୍ଯ୍ୟନିର୍ବାହୀ କମିଟିର ସଭାପତିଙ୍କ ନିକଟକୁ ଏକ ଚିଠି ପଠାଇ ତାଙ୍କ ପଦରୁ ଇସ୍ତଫା ଦେଇ ପାରିବେବା ତାହାଙ୍କ ନିକଟରେ ବ୍ୟକ୍ତିଗତଭାବେ ଇସ୍ତଫା ଦେଇପାରିବେ ।

(2) କୌଣସି ପାଣି ପଞ୍ଚାୟତର କାର୍ଯ୍ୟନିର୍ବାହୀ କମିଟିର ସଭାପତି ସଂପୃକ୍ତ କରନାଳ କମିଟିର ସଭାପତିଙ୍କ ନିକଟକୁରେଜିଷ୍ଟ୍ରିକୃତ ଡାକଯୋଗେ ଏକ ଚିଠି ପଠାଇ ତାଙ୍କ ପଦରୁ ଇସ୍ତଫା ଦେଇପାରିବେ ବା ତାହାଙ୍କ ନିକଟରେ ବ୍ୟକ୍ତିଗତ ଭାବେ ଇସ୍ତଫା ଦେଇ ପାରିବେ :

**ପରନ୍ତୁ ବୃହତ ଉଠା, ମଧ୍ୟମ ଏବଂ କ୍ଷୁଦ୍ର (ପ୍ରବାହ) ଜଳସେଚନ ପ୍ରକଳ୍ପର ପାଣିପଞ୍ଚାୟତର କାର୍ଯ୍ୟ ନିର୍ବାହୀ କମିଟିର ସଭାପତି ରେଜିଷ୍ଟ୍ରୀକୃତ ଡାକଯୋଗେ ସମ୍ପୃକ୍ତ ପ୍ରକଳ୍ପ କମିଟିର ସଭାପତିଙ୍କ ନିକଟକୁ ଏକ ଚିଠି ପଠାଇ ତାଙ୍କ ପଦରୁ ଇସ୍ତଫା ଦେଇପାରିବେ ବା ତାହାଙ୍କ ନିକଟରେ ବ୍ୟକ୍ତିଗତ ଭାବେ ଇସ୍ତଫା ଦେଇପାରିବେ ଏବଂ ଉଠା ଜଳସେଚନ ପଏଣ୍ଟର ପାଣିପଞ୍ଚାୟତ କାର୍ଯ୍ୟ ନିର୍ବାହୀ କମିଟିର ସଭାପତି ରେଜିଷ୍ଟ୍ରୀକୃତ ଡାକ ଯୋଗେ ସମ୍ପୃକ୍ତ ନିର୍ବାହୀ**

**ଯନ୍ତ୍ରୀଙ୍କ ନିକଟକୁ ଏକ ଚିଠି ପଠାଇ ତାଙ୍କ ପଦରୁ ଇସ୍ତଫା ଦେଇପାରିବେ ବା ତାହାଙ୍କ ନିକଟରେ ବ୍ୟକ୍ତିଗତ ଭାବେ ଇସ୍ତଫା ଦେଇପାରିବେ ।**

(3) କୌଣସି କରନାଳ କମିଟିର କାର୍ଯ୍ୟନିର୍ବାହୀ କମିଟିର ସଭାପତି ସଂପୃକ୍ତ ପ୍ରକଳ୍ପ କମିଟିର ସଭାପତିଙ୍କ ନିକଟକୁ ରେଜିଷ୍ଟ୍ରିକୃତ ଡାକଯୋଗେ ଏକ ଚିଠି ପଠାଇ ତାଙ୍କ ପଦରୁ ଇସ୍ତଫା ଦେଇପାରିବେ ବା ତାହାଙ୍କ ନିକଟରେ ବ୍ୟକ୍ତିଗତଭାବେ ଇସ୍ତଫା ଦେଇପାରିବେ ।

(4) କୌଣସି ପ୍ରକଳ୍ପ କମିଟିର କାର୍ଯ୍ୟନିର୍ବାହୀ କମିଟିର ସଭାପତି ରାଜ୍ୟସ୍ତରୀୟ କମିଟିର ସଭାପତିଙ୍କ ନିକଟକୁ ରେଜିଷ୍ଟ୍ରିକୃତ ଡାକଯୋଗେ ଏକ ଚିଠି ପଠାଇ ତାଙ୍କ ପଦରୁ ଇସ୍ତଫା ଦେଇପାରିବେ ବା ବ୍ୟକ୍ତିଗତଭାବେ ତାହାଙ୍କ ନିକଟରେ ଇସ୍ତଫା ଦେଇପାରିବେ ।

(5) ଉପରେ ଉଲ୍ଲିଖିତ ହୋଇଥିବା ପ୍ରକାରେ ସେପରି ଇସ୍ତଫା, ଏହା ଗ୍ରହଣ ହେବା ତାରିଖଠାରୁ ବା ଏହାର ପ୍ରାପ୍ତି ତାରିଖ ଠାରୁ 30ଦିନ ଅବସାନ ହେବାପରେ ଏ ଦୁଇଟି ମଧ୍ୟରୁ ଯେଉଁଟି ପୂର୍ବବର୍ତ୍ତୀ, ସେହି ତାରିଖଠାରୁ କାର୍ଯ୍ୟକାରୀ ହେବ।

କମିସନରଙ୍କର ନିଯୁକ୍ତି

33. (1) ରାଜ୍ୟସରକାର ଅଧିସୂଚନା ଦ୍ୱାରା, ଏହି ଅଧିନିୟମ ବା ତଦ୍‌ଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ କୃତ୍ୟ ସଂପାଦନ ଉପରେ ସାଧାରଣ ନିୟନ୍ତ୍ରଣ ଓ ଅଧିକ୍ଷଣ ଜାରି କରିବାପାଇଁ ଜଣେ କମିସନରଙ୍କୁ ନିଯୁକ୍ତ କରିବେ ।

(2) କମିସନରଙ୍କ ଦ୍ୱାରା ଯେଉଁସବୁ କ୍ଷମତା ପ୍ରୟୋଗ କରାଯିବ ଓ କୃତ୍ୟ ସଂପାଦନ କରାଯିବ ତାହା ଯେପରି ବିହିତ ହୋଇପାରେ ସେପରି ହେବ ।

ମଧ୍ୟବର୍ତ୍ତୀ କାଳୀନ ବ୍ୟବସ୍ଥା।

34. ଏହି ଅଧିନିୟମର ବ୍ୟବସ୍ଥା ଅନୁଯାୟୀ କୌଣସି କୃଷକ ସଂଗଠନ ଯଥାବିଧି ଗଠିତ ବା ପୁର୍ନଗଠିତ ହେବା ପର୍ଯ୍ୟନ୍ତ ଏବଂ ତାହାର ନିର୍ବାହୀ କମିଟି ପଦ ଗ୍ରହଣ କରିବା ପର୍ଯ୍ୟନ୍ତ, ସରକାର ଅଧିସୂଚନା ଦ୍ୱାରା, ସେପରି କୃଷକ ସଂଗଠନ ଏବଂ ତାହାର କାର୍ଯ୍ୟ ନିର୍ବାହୀ କମିଟିର କ୍ଷମତା ପ୍ରୟୋଗ କରିବା ଲାଗି ଏବଂ କୃତ୍ୟ ସଂପାଦନ କରିବା ନିମନ୍ତେ ଜଣେ ଅଧିକାରୀ ବା ଅଧିକାରୀମାନଙ୍କୁ ନିଯୁକ୍ତ କରିପାରିବେ ।

କୃଷକ ସଂଗଠନର ଆଦେଶନାମା ଓ ଦସ୍ତାବିଜ ଗୁଡିକର ଅଧିପ୍ରମାଣନ

35. କୃଷକ ସଂଗଠନର ସଭାପତି ବା ଏତଦୁପଲକ୍ଷେ କାର୍ଯ୍ୟନିର୍ବାହୀ କମିଟିଦ୍ୱାରା ଏହାଙ୍କର ପ୍ରାଧିକୃତ କୌଣସି ସଦସ୍ୟଙ୍କ ଆଦେଶ ନାମା ସ୍ୱାକ୍ଷରରେ କୃଷକ ସଂଗଠନର ସମସ୍ତ ଅନୁମତି ପତ୍ର, ନିଷ୍ପତ୍ତି, ନୋଟିସ ଓ ଅନ୍ୟାନ୍ୟ ଦସ୍ତାବିଜଗୁଡିକ ଅଧିପ୍ରମାଣିତ ହେବ।

କାର୍ଯ୍ୟାନୁଷ୍ଠାନ ଅବଧିମାନ୍ୟ ହେବନାହିଁ

36. କୌଣସି କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟିର ଗଠନରେ କୌଣସି ଶୂନ୍ୟସ୍ଥାନ ବା ତ୍ରୁଟିଥିବା କାରଣରୁ ଉକ୍ତ କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟିର କୌଣସି କାର୍ଯ୍ୟାନୁଷ୍ଠାନ ବା କାର୍ଯ୍ୟବିଧି ଅବିଧିମାନ୍ୟ ହେବନାହିଁ ।

ଜମା ଏବଂ ପାଣ୍ଠିର ପ୍ରଶାସନ

37.(1) କୃଷକ ସଂଗଠନ ସେମାନଙ୍କର ପାଣ୍ଠିକୁ ଯେପରି ବିହିତ ହୋଇପାରେ ସେପରି ପଦଧାରୀଙ୍କ ନାମରେ କୌଣସି ଜାତୀୟକରଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ବା ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ବା ଓଡିଶା ରାଜ୍ୟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ଜମାରଖିବେ ।

(2) ଏହି ଅଧିନିୟମର ପ୍ରଶାସନରେ ସଂପୃକ୍ତ କୃଷକ ସଂଗଠନର ନିର୍ବାହୀ କମିଟି ଖର୍ଚ୍ଚ ତୁଲାଇବା ବାବଦରେ ପାଣ୍ଠି ବିନିଯୋଗ କରାଯିବ ଓ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବିନିଯୋଗ କରାଯିବ ନାହିଁ ।

ଋଣଶୋଧନ ପାଣ୍ଠି ।

38. (1) କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟି ଧାର କରାଯାଇଥିବା ଅର୍ଥର ପରିଶୋଧ ନିମନ୍ତେ ଯେପରି ବିହିତ ହୋଇପାରେ ସେପରି ରୀତିରେ ଏକ ଋଣ ଶୋଧନ ପାଣ୍ଠି ରଖିବେ ଏବଂ ସେଭାବେ ଧାର କରାଯାଇଥିବା ସମସ୍ତ ଅର୍ଥକୁ ଧାର୍ଯ୍ୟ ଅବଧି ମଧ୍ୟରେ ପରିଶୋଧ ନିମନ୍ତେ ଯେପରି ଯଥେଷ୍ଟ ହୋଇପାରେ ସେପରି ଧନରାଶିକୁ ପ୍ରତିବର୍ଷ ଋଣ ଶୋଧନ ପାଣ୍ଠିକୁ ପ୍ରଦାନ କରିବେ ।

(2) ଯେଉଁ ଉଦ୍ଦେଶ୍ୟରେ ଋଣ ଶୋଧନ ପାଣ୍ଠି ସୃଷ୍ଟି କରାଯାଇଥିଲା, ସେହି ଉଦ୍ଦେଶ୍ୟରେ ତାହା ବା ତାହାର କୌଣସି ଭାଗ ଋଣ ପରିଶୋଧ ନିମନ୍ତେ ବା ଋଣ ପରିଶୋଧ ବାବଦରେ ଏବଂ ସେପରି ଋଣ ସଂପୂର୍ଣ୍ଣଭାବେ ପରିଶୋଧ ହେବା ପର୍ଯ୍ୟନ୍ତ ବିନିଯୋଗ କରାଯିବ, ଏହା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବିନିଯୋଗ କରାଯିବ ନାହିଁ।

ବଜେଟ ।

39. କୌଣସି କୃଷକ ସଂଗଠନର ନିର୍ବାହୀ କମିଟି ପରବର୍ତ୍ତୀ ଆର୍ଥିକ ବର୍ଷ ସଂପର୍କରେ ପ୍ରତ୍ୟେକ ଆର୍ଥିକ ବର୍ଷରେ କମିଟିର ପ୍ରାକ୍‌କଳିତ ପ୍ରାପ୍ତି ଓ ବ୍ୟୟକୁ ଦର୍ଶାଇ ସେପରି ଆକାରରେ ଏକ ବଜେଟ ପ୍ରସ୍ତୁତ କରିବେ ଏବଂ ଯେପରି ବିହିତ ହୋଇପାରେ ସେପରି ଏହାର ଅନୁମୋଦନ ନିମନ୍ତେ କୃଷକ ସଂଗଠନର ସାଧାରଣ ନିକାୟ ସମକ୍ଷରେ ଉପସ୍ଥାପିତ କରିବେ ।

ସଦ୍ ବିଶ୍ୱାସରେ କରାଯାଇଥିବା କାର୍ଯ୍ୟର ସୁରକ୍ଷା ।

40. ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ ସଦ୍‌ବିଶ୍ୱାସରେ କରାଯାଇଥିବା ବା କରାଯିବା ଲାଗି ଅଭିପ୍ରେତ କୌଣସି ବିଷୟ ନିମନ୍ତେ କୌଣସି ବ୍ୟକ୍ତିଙ୍କ ବିରୋଧରେ କୌଣସି ମକଦ୍ଦମା, ଅଭିଯୋଜନ ବା ଅନ୍ୟାନ୍ୟ ବିଧିକ କାର୍ଯ୍ୟବିଧି ଦାଏର କରାଯିବ ନାହିଁ ।

ଅସୁବିଧା ଦୂର କରିବା ପାଇଁ କ୍ଷମତା ।

41. (1) ଏହି ଅଧିନିୟମର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାରେ ବା ଏହି ଅଧିନିୟମର ପ୍ରାରମ୍ଭ ପରେ କୌଣସି କୃଷକସଙ୍ଗଠନର ପ୍ରଥମ ଗଠନ ବା ପୁନର୍ଗଠନରେ କୌଣସି ଅସୁବିଧା ଉପୁଜିଲେ ସରକାର, ପରସ୍ଥିତି ଦୃଷ୍ଟିରୁ ଯେପରି ଆବଶ୍ୟକ ହୋଇପାରେ ସେପରି ଓଡ଼ିଶା ଗେଜେଟରେ ପ୍ରକାଶିତ ଆଦେଶନାମା ବଳରେ, ଏହାଙ୍କୁ ଅସୁବିଧା ଦୂର କରିବା ପାଇଁ ଆବଶ୍ୟକ ପ୍ରତୀତ ହେବା ପ୍ରକାରେ ସେପରି କାର୍ଯ୍ୟ କରି ପାରିବେ।

(2) ଉପଧାରା (1) ଅନୁଯାୟୀ ଦିଆଯାଇଥିବା ସମସ୍ତ ଆଦେଶନାମା, ଯଥା ସମ୍ଭବ ସେଗୁଡ଼ିକ ଦିଆଯିବା ପରେ ତାହା ରାଜ୍ୟ ବିଧାନ ମଣ୍ଡଳ ସମକ୍ଷରେ ଉପସ୍ଥାପିତ ହେବ ଏବଂ ବିଧାନମଣ୍ଡଳ ଯଦି ଏଥିରେ କୌଣସି ପରିବର୍ତ୍ତନ କରିବାକୁ ଚାହିଁବେ, ତାହାହେଲେ ସେପରି କରିପାରିବେ ଏବଂ ଏହାପରେ ସେପରି ଆଦେଶନାମାରେ ଯଦି କୌଣସି ପରିବର୍ତ୍ତନ କରାଯାଇଥାଏ ତାହା ହେଲେ ଉକ୍ତ ପରିବର୍ତ୍ତନ ପ୍ରତି ସାପେକ୍ଷ ହୋଇ ଆଦେଶନାମା ପ୍ରଭାବୀ ହେବ ।

ବ୍ୟାବୃତ୍ତି ।

42.(1) ଏହି ଅଧିନିୟମରେ ଥିବା କୌଣସି ବିଷୟ ତତ୍ ସମୟେ ବଳବତ୍ତର ଥିବା କୌଣସି ବିଧି ଅନୁଯାୟୀ ଗ୍ରାମପଞ୍ଚାୟତ, ଜିଲ୍ଲାପରିଷଦ, ପଞ୍ଚାୟତ ସମିତି, ପୌରପାଳିକା ବା ପୌର ନିଗମ ଉପରେ ନ୍ୟସ୍ତ ଅଧିକାର ବା ସମ୍ପତ୍ତିଗୁଡ଼ିକୁ ପ୍ରଭାବିତ କରିବ ନାହିଁ ।

(2) ଏହି ଅଧିନିୟମରେ ଥିବା କୌଣସି ବିଷୟ ଓଡ଼ିଶା ରାଜ୍ୟରେ ଥିବା ଅନୁସୂଚିତ କ୍ଷେତ୍ରମାନଙ୍କରେ, ଯଦି କୌଣସିକ୍ଷୁଦ୍ର ଜଳ ନିକାୟମାନ ଥାଏ ତାହାହେଲେ ସେଗୁଡ଼ିକ ପ୍ରତି ଲାଗୁ ହେବନାହିଁ ।

ସ୍ପଷ୍ଟୀକରଣ I - କ୍ଷୁଦ୍ର ଜଳ ନିକାୟ ଅର୍ଥ ଚାଳିଶ ହେକ୍ଟରରୁ କମ୍ ଭୂମିରେ ଜଳସେଚନ କରୁଥିବା ପ୍ରକଳ୍ପ ।

ସ୍ପଷ୍ଟୀକରଣ II- ଅନୁସୂଚିତ କ୍ଷେତ୍ର ଅର୍ଥ ଭାରତର ସମ୍ବିଧାନର ପଞ୍ଚମ ଅନୁସୂଚୀ ଅନୁଯାୟୀ ଭାରତର ରାଷ୍ଟ୍ରପତି ଯେଉଁ କ୍ଷେତ୍ରକୁ ଅନୁସୂଚିତ କ୍ଷେତ୍ର ରୂପେ ଆଦେଶନାମା ବଳରେ ଘୋଷଣା କରିପାରନ୍ତି, ସେପରି କ୍ଷେତ୍ର ।

ନିୟମାବଳୀ ପ୍ରଣୟନ କରିବା ନିମନ୍ତେ କ୍ଷମତା ।

43. ରାଜ୍ୟ ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମର ଉଦ୍ଦେଶ୍ୟ ଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ନିୟମାବଳୀ ପ୍ରଣୟନ କରିପାରିବେ ।